## ସଂକ୍ଷେପରେ

### ହନୁମାନଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



ଭଦ୍ରକ, ୧୫ ।୪ (ରବିନାରାୟଣ ଖିଲାର): ଭଦ୍ରକ ବାଇପାସସ୍ଥିତ କାନ୍ତକବି ନଗରଠାରେ ଥିବା ଭୋଳା ମହେଶ୍ୱର ମନ୍ଦିର ପ୍ରାଙ୍ଗଣରେ ହନୁମାନଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାନ୍ତକବି ନଗରବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରବିବାର ଓ ସୋମବାର ଦୁଇଦିନ ଧରି ରିତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରାଧ୍ୟାପକ କିଶୋର ଚନ୍ଦ୍ର ରାୟ ଓ ମାଧବୀଲତା ରାୟ କର୍ତ୍ତା ଭାବେ ସଂକଳ୍ପ କରିଥିଲେ। ଶିକ୍ଷାବିତ୍ ଭାଗୀରଥି ନାୟକ, ଶରତ ଚନ୍ଦ୍ର ପତି, ଶରତ କୁମାର ପ୍ରଧାନ, ରମେଶ ଚନ୍ଦ୍ର ଦାଶ, ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ବଳ, ଭାସ୍କର ଚନ୍ଦ୍ର ବେହେରା, ସୁକାନ୍ତ କୁମାର ଦାଶ, ଅମିୟ ନାୟକ, ସଚିନ୍ଦ୍ର ଜେନା, ପ୍ରଦୀପ ମହାପାତ୍ର, ଶାନ୍ତନୁ ପଣ୍ଡା, ନିରଞ୍ଜନ ସେନାପତି, ଅକ୍ଷୟ ମଲିକ, ଓମ୍ ପ୍ରକାଶ ନାୟକ, ଉମାକାନ୍ତ ଜେନା, ପ୍ରବୋଧ ମହାପାତ୍ର, ବିଦ୍ୟାଧର ଜେନା, ପଦ୍ମନାଭ ସେନାପତି, ଦେବେନ୍ଦ୍ର ସେନାପତି, ଶିକ୍ଷକ ଅରୁଣ ମଲ୍ଲିକ, ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ।

### ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ,୧୫ ।୪(ସନାତନ ରାଉତ): ଆମ ମାତୃଭାଷା ପରିଷଦର ଅଷ୍ଟମ ସ୍ୱନକ୍ଷତ୍ର ଦିବସ, ସଂକ୍ରାନ୍ତି ଆସର ଓ କବି ଉମାକାନ୍ତ ନାୟକଙ୍କ ପୁସ୍ତକ 'ପତ୍ରଝଡ଼ା ଫଗୁଣ'ର ସମୀକ୍ଷା କଲ୍ୟାଣୀନଗରସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ମନୀନ୍ଦ୍ର ମହାନ୍ତି ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡା. ଅନୀଲ କୁମାର ଦାଶ ବେଦପାଠ ଓ ସମ୍ପାଦକୀୟ ପାଠ କରିଥିଲେ। 'ଉତ୍କଳୀୟ ପରମ୍ପରାରେ ମହାବିଷୁବ ସଂକ୍ରାନ୍ତି' ଶୀର୍ଷକ ଆଲୋଚନାଚକ୍ରରେ ଭଦ୍ରକ କଲେଜର ପୂର୍ବତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ନାଟ୍ୟକାର ଲଲାଟେନ୍ଦୁ ମହାନ୍ତି, ପୂର୍ବତନ ଏସ୍‌ପି ରମେଶ ଚନ୍ଦ୍ର ଦାସ, ଶିକ୍ଷାବିତ୍ ଗୟାଧର ପଣ୍ଡା, ପ୍ରାଧ୍ୟାପକ ଶିବଚରଣ ଖାମୁରାଇ, ଶିକ୍ଷାବିତ୍ ଗୌତମ ମହାରଣା, ଗୌରାଙ୍ଗ ଚନ୍ଦ୍ର ବାରିକ, ଲକ୍ଷ୍ମଣ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ବିଷୁବ ସଂକ୍ରାନ୍ତିରେ ଦିନ ଓ ରାତି ସମାନ ସମୟ ହୋଇଥାଏ ବୋଲି କହିଥିଲେ। ଚରମ୍ପା ମହାବିଦ୍ୟାଳୟର ଅଧ୍ୟାପିକା ସୁକାନ୍ତି ମହାପାତ୍ର 'ପତ୍ରଝଡ଼ା ଫଗୁଣ' ପୁସ୍ତକର ସମୀକ୍ଷା କରିଥିଲେ। କବୟିତ୍ରୀ ରୂପଶ୍ରୀ ରାଉତ, ସଂଯୁକ୍ତା ବଳ ନାୟକ ଓ ମାନସୀବାଳା ସୂତାରଙ୍କ ସଂଯୋଜନାରେ ୬୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ନାରାୟଣ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଦେଇଥିଲେ। ସହସମ୍ପାଦିକା ମମତାରାଣୀ ଦାଶ ମିଶ୍ର ଭଜନ ପରିବେଷଣ ଓ ଶାନ୍ତିପାଠ କରିଥିଲେ।

## ମାଛଧରା ଉପରେ କଟକଣା

# ୬୧ ଦିନ ସମୁଦ୍ରକୁ ଯିବେନି ମତ୍ସ୍ୟଜୀବୀ

## ଆର୍ଥିକ କ୍ଷତି ନେଇ ଘାରିଲାଣି ଚିନ୍ତା

ବାସୁଦେବପୁର,୧୫।୪ (ନାରାୟଣ ପ୍ରସାଦ ବାରିକ୍): ରାଜ୍ୟ ସରକାରଙ୍କ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ମଙ୍ଗଳବାରଠାରୁ ଜୁନ୍ ୧୪ ଯାଏ ସମୁଦ୍ରରୁ ମାଛ ଧରିବା ଉପରେ କଟକଣା ଲାଗିଛି। କୌଣସି ମତ୍ସ୍ୟଜୀବୀ ୬୧ଦିନ ଧରି ସମୁଦ୍ରରୁ ମାଛ ଧରିପାରିବେ ନାହିଁ କିମ୍ବା ବୋଟ୍, ଲଞ୍ଚ୍, ଗିଲ୍‌ନେଟ୍, ଭୁଟ୍‌ଭୁଟି ନେଇ ସମୁଦ୍ରକୁ ଯାଇପାରିବେ ନାହିଁ ବୋଲି ମତ୍ସ୍ୟ ବିଭାଗ ଓ ସାମୁଦ୍ରିକ ଥାନା ପୋଲିସ ପକ୍ଷରୁ ମତ୍ସ୍ୟଜୀବୀ ସଂଘଗୁଡ଼ିକୁ ଅବଗତ କରାଯାଇଛି। କଟକଣା ଲାଗିଥିବା ଅବଧି ମଧ୍ୟରେ ସମୁଦ୍ରରେ ମାଛ ବଂଶ ବୃଦ୍ଧି ଓ ଯାଆଁଳ ସୁରକ୍ଷା ନିମନ୍ତେ ମତ୍ସ୍ୟ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ସମୟ ମଧ୍ୟରେ କଇଁଛ ଅଣ୍ଡାଦାନ ସମୟ ହୋଇଥିବା ସହ ମାଛଗୁଡ଼ିକର ମଧ୍ୟ ଅଣ୍ଡାଦାନ ସମୟ। ବଂଶ ବୃଦ୍ଧି ପାଇଁ ଏପରି ପଦକ୍ଷେପ ନିଆଯାଇଛି। ଏହି କଟକଣା ଲାଗୁ ହେବା ପରେ ବାସୁଦେବପୁର ଅଞ୍ଚଳର ଚୁଡ଼ାମଣି ମୁହାଣ, ଚୁଡ଼ାମଣି ଘାଟରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ବୋଟ୍, ଲଞ୍ଚ୍, ଭୁଟ୍‌ଭୁଟି, କଷିଆ ଓ ପଢ଼ୁଆଁ ଜେଟିରେ ମଧ୍ୟ ୨ଶହରୁ ଊର୍ଦ୍ଧ୍ୱ ବୋଟ୍, ଲଞ୍ଚ୍ ଓ ଭୁଟ୍‌ଭୁଟି ଜେଟି ମୁହାଣକୁ ଫେରି ଆସିଛି। ସେଗୁଡ଼ିକୁ ଲଙ୍ଗର ପକାଇ କୂଳରେ ରଖାଯାଇଛି। ଏହି କଟକଣା ଲାଗିବା ଫଳରେ ପ୍ରାୟ ୨ ମାସ ମତ୍ସ୍ୟଜୀବୀମାନଙ୍କର ଦୁର୍ଦ୍ଦଶା ବଢ଼ିବ। ସେମାନେ ୨ ମାସ ଜୀବିକା ହରାଇ ଦୁଃଖକଷ୍ଟରେ ଜୀବନ ବିତାଇବେ। ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀଙ୍କ ସମେତ ବରଫ କାରଖାନା ମାଲିକ, କର୍ମଚାରୀ, ବୋଟ୍, ଭୁଟ୍‌ଭୁଟି, ଲଞ୍ଚ୍, ଗିଲ୍‌ନେଟ୍‌ର ମାଲିକ ଓ କର୍ମଚାରୀମାନେ ଆର୍ଥିକ କ୍ଷତିରେ ପଡ଼ିବେ। ଏହି ୨ ମାସ ପାଇଁ ରାଜ୍ୟ ସରକାର ଓ ମତ୍ସ୍ୟ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ମତ୍ସ୍ୟଜୀବୀ ପରିବାର ଓ ସମସ୍ତ କର୍ମଚାରୀ, ମାଲିକଙ୍କ ଆର୍ଥିକ କ୍ଷତି ଭରିବା ପାଇଁ ପଦକ୍ଷେପ ନେବାକୁ ଚୁଡ଼ାମଣି ଟ୍ରଲର ମାଲିକ ସଂଘ ସଭାପତି ଶଶୀକାନ୍ତ ନାୟକ ଓ ବରଫ କାରଖାନା ମାଲିକ ନିର୍ମଳ ଚନ୍ଦ୍ର ବେହେରା ଦାବି କରିଛନ୍ତି।



ଚୁଡ଼ାମଣି ଘାଟରେ ଅଟକିଥିବା ବୋଟ୍ ଓ ଲଞ୍ଚ୍।

## ପାଟୁଆ ଶୋଭାଯାତ୍ରାରେ ଅଘଟଣ

# ଅନୁଧ୍ୟାନ କଲେ ତହସିଲଦାର

### ଡିଜେରେ ବିଦ୍ୟୁତ୍ ତାର ଲାଗି ୨ ମୃତ, ୯ ଗୁରୁତର

ତିହିଡ଼ି,୧୫।୪(ସଞ୍ଜିତ ବଳ): ତିହିଡ଼ି ଥାନା ଅଧୀନ ନୂଆନନ୍ଦ ପଞ୍ଚାୟତ ହାଟୁଆରୀ ଛକରେ ସୋମବାର ରାତି ୧୦ଟା ବେଳେ ପାଟୁଆ ଶୋଭାଯାତ୍ରା ସମୟରେ ଅଘଟଣ ଘଟିଥିଲା। ଶୋଭାଯାତ୍ରାରେ ସାମିଲ ଥିବା ଡିଜେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ୨ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୯ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରୁ ୪ଜଣଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ନୂଆନନ୍ଦ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ବିଦ୍ୟୁତ୍ ତାର ତଳକୁ ଝୁଲିଥିବାରୁ ଏବଂ ଡିଜେର ଉଚ୍ଚତା ଯଥେଷ୍ଟ ଅଧିକ ଥିବାରୁ ଏଭଳି ଘଟଣା ଘଟିଥିବା କୁହାଯାଇଛି। ଖବର ପାଇ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ସଦଳବଳ ଉକ୍ତ ଗ୍ରାମରେ ପହଞ୍ଚି ଉତ୍ତେଜନାକୁ ନିୟନ୍ତ୍ରଣ କରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଘଟଣାକୁ ନେଇ ତିହିଡ଼ି ଥାନାରେ ଏକ ମାମଲା (ନଂ.୧୪୨/୨୫)ରୁଜୁ କରାଯାଇଥିବା ବେଳେ ପୋଲିସ ଡିଜେକୁ ଜବତ କରିଛି।

ପ୍ରକାଶ ଯେ, ନୂଆନନ୍ଦ ଗ୍ରାମସ୍ଥିତ ମା' କଣ୍ଟିମଙ୍ଗଳାଙ୍କ ପୀଠରେ ପଣା ସଂକ୍ରାନ୍ତିରେ ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଥିଲା। ହାଟୁଆରୀ ଗ୍ରାମରୁ ପାଟୁଆମାନେ ଶୋଭାଯାତ୍ରାରେ ପୀଠକୁ ଯାଉଥିଲେ। ହାଟୁଆରୀ ଛକରେ ଶୋଭାଯାତ୍ରାରେ ଥିବା ଡିଜେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଡିଜେ ଚାର୍ଜ ହୋଇଯିବାରୁ ନିକଟରେ ଥିବା ଲୋକେ ଗୁରୁତର ହୋଇଥିଲେ। ସେମାନଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ହାଟୁଆରି ଗ୍ରାମର ମାନସ ମଲିକ(୨୬) ଏବଂ ଆରସା ଗ୍ରାମର ଶରତ ମହାଳିକ (୩୨)ଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତରମାନେ ହେଲେ ପାଳିଆବିନ୍ଧା ଗ୍ରାମର ଲକ୍ଷ୍ମୀପ୍ରିୟା ମଲ୍ଲିକ(୫୦), ଅନିତା ନାୟକ(୪୫), ହାଟୁଆରିର ଅଭିଷେକ ମହାଳିକ(୧୦), ସାନୁ ମହାଳିକ(୧୨), ସ୍ୱପ୍ନାରାଣୀ ଦାସ(୪୫), ଧନଞ୍ଜୟ ବେହେରା(୧୬), ତଳବନ୍ଧର ହରିହର ଦାସ(୪୯), ସତ୍ୟପ୍ରକାଶ ଦାସ(୧୦) ଓ ଆଲମନା ଦାସ(୧୬)। ଅତି ଗୁରୁତର ଥିବାରୁ ଲକ୍ଷ୍ମୀପ୍ରିୟା ଏବଂ ସ୍ୱପ୍ନାରାଣୀଙ୍କୁ ସୋମବାର ରାତିରେ, ଅନିତା ଓ ସତ୍ୟପ୍ରକାଶଙ୍କୁ ମଙ୍ଗଳବାର କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାର ତଦନ୍ତ କରାଯିବ ବୋଲି ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି। ସୂଚନାଥାଉ କି, ତିହିଡ଼ି ବ୍ଲକର ବିଭିନ୍ନ ଅଞ୍ଚଳରେ ଡିଜେକୁ ନେଇ ଅଘଟଣ ଘଟିଚାଲିଛି। ପୂର୍ବରୁ କାଳୀମେଘା ମେଳଣ ଶୋଭାଯାତ୍ରାରେ ଡିଜେରୁ ଖସି ଜଣେ ଯୁବକଙ୍କ ଜୀବନ ଯାଇଥିଲା। ସେହିପରି ପୀରହାଟ ଥାନା ଅଧୀନ ମାଲପୁର ଗ୍ରାମରେ ଏକ ଭସାଣି ଶୋଭାଯାତ୍ରାରେ ଡିଜେରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଡିଜେ ଶବ୍ଦ ଯୋଗୁ ହୃଦ୍‌ଘାତ ପରି ଶୋଚନୀୟ ପରିସ୍ଥିତି ଉପୁଜୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କାହିଁକି ଡିଜେ ବନ୍ଦ କରାଯାଉ ନାହିଁ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଗୋପାଳ ଭକ୍ତଙ୍କ ସୁରକ୍ଷା ପାଇଁ ଦିଆଯିବ ତାରବାଡ଼

### କୁମ୍ଭୀର ଯୋଗୁ ବିପଦସଙ୍କୁଳ ନଦୀଘାଟ

ଧୁଷୁରୀ, ୧୫ ।୪(ଦୀପ୍ତିରଞ୍ଜନ ନାୟକ): ଚାନ୍ଦବାଲି ବ୍ଲକ ଅଧୀନ ଓଳଗ ପଞ୍ଚାୟତର ସାଠିବାଙ୍କୁଡ଼ା ବୈତରଣୀ ନଦୀଘାଟ କୁମ୍ଭୀର ପାଇଁ ବିପଦସଙ୍କୁଳ ହୋଇଛି। ବୈଶାଖ ମାସରେ ଗୋପାଳ ଭକ୍ତମାନେ ଆଖଣ୍ଡଳମଣି ପୀଠରେ ଜଳଲାଗି ପାଇଁ ଏହି ଘାଟରୁ ଜଳ ଉଠାଉଥିବାରୁ ଏଠାରେ ତାରବାଡ଼ ଦିଆଯାଇ ସେମାନଙ୍କୁ ସୁରକ୍ଷା ଦିଆଯିବ। କୁମ୍ଭୀର ପାଇଁ ଏହି ସ୍ଥାନରେ ଗାଧୁଆ ସହ ଅନ୍ୟାନ୍ୟ କାର୍ଯ୍ୟ ବନ୍ଦ ରହିଛି। ହେଲେ ବୈଶାଖ ମାସରେ ବୈତରଣୀ ନଦୀରୁ ଗୋପାଳ ସମ୍ପ୍ରଦାୟର ଲୋକେ ଜଳଭାର ନେଇ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ଗର୍ଭଗୃହକୁ ପ୍ରବେଶ କରିବା ସହ ବାବାଙ୍କ ମସ୍ତକରେ ଜଳ ଲାଗି କରିବାର ପରମ୍ପରା ରହିଛି। ଏହାକୁ ପାଥେୟ କରି ବୈଶାଖ ମାସର ପ୍ରଥମ ସୋମବାରରେ ନଦୀରେ କୁମ୍ଭୀର ଥିବା ସତ୍ତ୍ୱେ ଜୀବନକୁ ପାଣି ଛଡ଼େଇ ଗୋପାଳମାନେ ଏହି ଘାଟରୁ ପାଣି ଉଠାଇଥିଲେ। ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ଏ ବିଷୟରେ ଅବଗତ ନ ଥିଲେ। ନଦୀଘାଟରେ ବଲ୍ଲା ମାରି ତାରବାଡ଼ ଦେଇ ଗୋପାଳ ଭକ୍ତଙ୍କୁ ସୁରକ୍ଷା ଯୋଗାଇବାକୁ ଭଦ୍ରକ ଜିଲା ଯାଦବ ସଂଘ ସମ୍ପାଦକ ସନ୍ତୋଷ କୁମାର ଦାସ, ରବୀନ୍ଦ୍ର ବେହୁରିଆ, ସତ୍ୟଜିତ ପଲାଇ, ତପନ ପଲାଇ, ନିରାକାର ବାରିକ, ସୁନ୍ଦରପୁର ସେବା ସମବାୟ ସମିତି ସଭାପତି ନରେଶ କୁମାର ସେଠୀ ମଙ୍ଗଳବାର ଅପରାହ୍ନ ୨ଟା ୩୦ରେ ଡିଏଫ୍‌ଓ ସୌଭାଗ୍ୟ କୁମାର ସାହୁଙ୍କୁ ଭେଟିଛନ୍ତି। ନଦୀଘାଟରେ ବଲ୍ଲା ମାରି ତାରବାଡ଼ ଘେରାଇବାକୁ ସେମାନେ ନିବେଦନ କରିଥିଲେ। ଡିଏଫ୍‌ଓ ସାହୁ ଉକ୍ତ ନଦୀଘାଟରେ ତାରବାଡ଼ ଦେବାକୁ ଧାମନଗର ରେଞ୍ଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଧାମନଗରରେ କାର୍ଯ୍ୟରତ ଫରେଷ୍ଟର ରାଜକିଶୋର ନାୟକଙ୍କୁ ତଦନ୍ତ କରିବା ପାଇଁ ତତ୍‌କ୍ଷଣାତ୍ ସାଠିବାଙ୍କୁଡ଼ାକୁ ପଠାଇଥିଲେ। ଗୁରୁବାରଠାରୁ ଏଠାରେ ବଲ୍ଲା ମରାଯିବ ବୋଲି ଫରେଷ୍ଟର ସୂଚନା ଦେଇଥିଲେ।



ନଦୀବନ୍ଧରେ ଫରେଷ୍ଟରଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି।

### ଯୁବକ ସଂଘର ବାର୍ଷିକୋତ୍ସବ

ଭଣ୍ଡାରିପୋଖରୀ,୧୫ ।୪(ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତର ଖପୁରିଆପଦାସ୍ଥିତ ବଜରଙ୍ଗୀ ଯୁବକ ସଂଘର ବାର୍ଷିକୋତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଗୋପୀନାଥ ବରାଳ ଓ ପୁଷ୍ପଲତା ବରାଳ ସଂକଳ୍ପ କରିଥିବା ବେଳେ ଶ୍ରଦ୍ଧାଳୁମାନଙ୍କୁ ପଣା ବଣ୍ଟନ କରାଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ଓଡ଼ିଶା ପୂର୍ବ ପ୍ରମୁଖ ସଭାପତି ଅରବିନ୍ଦ ଦାସ, ଯାଜପୁର ଜିଲା ସୁରକ୍ଷା ବାହିନୀ ପ୍ରମୁଖ ଟିକୁନି ଦାସ, ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ସମିତିସଭ୍ୟା ମାମିଲତା ଜେନା, ସାମାଜିକ କର୍ମୀ ହେମନ୍ତ ଜେନା, ସଞ୍ଜୀବ ରାଉତ, ପୂର୍ବତନ ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ସାମାଜିକ କର୍ମୀ ରଜନୀକାନ୍ତ ଚନ୍ଦ ଓ ବିଶ୍ୱମ୍ଭର ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। କଣ୍ଠଶିଳ୍ପୀ କୁମାର ବାପି ଓ ପ୍ରଦୀପ ପଲାଇଙ୍କ ଭଜନ ଦର୍ଶକଙ୍କ ମନୋରଞ୍ଜନ କରିଥିଲା। ସଂଘର ସଦସ୍ୟ ସରୋଜ କୁମାର ରାଉତ, ଶରତ ଚନ୍ଦ୍ର ଜେନା, ଅଶୋକ ମଲ୍ଲିକ, ସୁଶାନ୍ତ ବରାଳ, ରବୀନ୍ଦ୍ର ମଲ୍ଲିକ, ରତିକାନ୍ତ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲବଣ ତୀର୍ଥ ସ୍ମାରକୀ ଦିବସ



ବିଧାୟକ ଅଶୋକ କୁମାର ଦାସ ଲବଣ ତୀର୍ଥ ସ୍ମୃତିସ୍ତମ୍ଭ ନିକଟରେ ପତାକା ଉତ୍ତୋଳନ କରୁଛନ୍ତି।

ବାସୁଦେବପୁର,୧୫ ।୪ (ନାରାୟଣ ପ୍ରସାଦ ବାରିକ୍): ବାସୁଦେବପୁର ଚୁଡ଼ାମଣି ହାଟପଡ଼ିଆ ଠାରେ ଲବଣ ତୀର୍ଥ ସ୍ମୃତିସ୍ତମ୍ଭ ନିକଟରେ ଲବଣ ତୀର୍ଥ ସ୍ମାରକୀ କମିଟି ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ୯୬ତମ ଲବଣ ତୀର୍ଥ ସ୍ମାରକୀ ଦିବସ ପାଳନ କରାଯାଇଛି। ଲବଣ ତୀର୍ଥ ସ୍ମୃତିସ୍ତମ୍ଭକୁ ସୁସଜ୍ଜିତ କରାଯିବା ସହ ସ୍ମୃତିସ୍ତମ୍ଭ ନିକଟରେ ତିଳତର୍ପଣ କରାଯାଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା କମିଟି ସଭାପତି ନିର୍ମଳ ଚନ୍ଦ୍ର ବେହେରା ସକାଳେ ପୁଷ୍ପ ମାଲ୍ୟାର୍ପଣ ସହ ତିଳତର୍ପଣ କରି ଲବଣ ସତ୍ୟାଗ୍ରହରେ ସାମିଲ ହୋଇଥିବା ସତ୍ୟାଗ୍ରହୀଙ୍କୁ ମନେ ପକାଇଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଲବଣ ତୀର୍ଥ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। ୧୯୩୦ରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ଏ ଅଞ୍ଚଳରେ ଲବଣ ସତ୍ୟାଗ୍ରହ ଆନ୍ଦୋଳନ କବି ବାଞ୍ଛାନିଧି ମହାନ୍ତିଙ୍କ ନେତୃତ୍ୱରେ ହୋଇଥିଲା। ଏହାର ମୁକସାକ୍ଷୀ ଭାବେ ଏହି ଲବଣ ତୀର୍ଥ ସ୍ମୃତିସ୍ତମ୍ଭ ଦଣ୍ଡାୟମାନ ବୋଲି ମୁଖ୍ୟଅତିଥି କହିଥିଲେ। ଲବଣ ତୀର୍ଥ ସ୍ମାରକୀ କମିଟି ସଭାପତି ନିର୍ମଳ, ସମ୍ପାଦକ ଗଗନ ବିହାରୀ ସେଠୀ, ଭାଗୀରଥି ବିନ୍ଧାଣୀ, ମୁକ୍ତିକାନ୍ତ ମହାପାତ୍ର, ବିଜୟ ବେହେରା, କିଶୋର ଚନ୍ଦ୍ର ମଲିକ, ସୁକାନ୍ତ ପାଢ଼ୀ, ଉଦୟ ମହାକୁଡ଼, ଶରତ ମଲିକଙ୍କ ସମେତ ବିଭିନ୍ନ ବର୍ଗର ଲୋକେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କେସି ନୋଡାଲ ହାଇସ୍କୁଲ ଓ ବିଷ୍ଣୁ ସାବିତ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ମାରକୀ ସ୍ତମ୍ଭରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପରେ କେସି ନୋଡାଲ ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ଇତିଶ୍ରୀ ସେଠୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ବିଧାୟକ ଦାସ ଲବଣ ସତ୍ୟାଗ୍ରହ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ।

# ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

### ସମସ୍ୟା ବୁଝିଲେ, ଆଦିବାସୀଙ୍କ ସହ ଖାଇଲେ ଏମ୍‌ପି

ବନ୍ତ,୧୫ ।୪(ହରିନାରାୟଣ ମହାନ୍ତି): ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡ୍‌କରଙ୍କ ଜୟନ୍ତୀ ଅବସରରେ ଭାଜପା ପକ୍ଷରୁ ସୋମବାରଠାରୁ ୨୫ତାରିଖ ପର୍ଯ୍ୟନ୍ତ ପକ୍ଷ ପାଳନ କରାଯାଉଛି। ମଙ୍ଗଳବାର ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକଙ୍କ ତତ୍ତ୍ୱାବଧାନରେ ବନ୍ତଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ ବ୍ଲକ ଛକ ନିକଟରେ ଦଳିତ ନେତା ପଞ୍ଚାନନ ଜେନାଙ୍କ ବାସଭବନସ୍ଥିତ ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରେ ଡାକ୍ତର ମୁରଲୀଧର ସୂତାରଙ୍କ ସହ ସେ ଆଲୋଚନା କରିଥିଲେ। ପରେ ଆଡ଼ିଆ ପଞ୍ଚାୟତ ଜିରିଣା ଗ୍ରାମର ଆଦିବାସୀ ସାହିକୁ ଯାଇ ୱାର୍ଡସଭ୍ୟା ସବିତା ମୁର୍ମୁ, ବ୍ରଜମୋହନ ସିଂ, ବିକ୍ରମ ମାଝୀ, ଡୁମାନ ମାଝୀ, ରାଇମଣି ମାଝୀ, ରାଜେନ୍ଦ୍ର ସିଂ ଓ ସନାତନ ସିଂଙ୍କୁ ଭେଟି ଅଭାବ ଅସୁବିଧା ପଚାରି ବୁଝିଥିଲେ। ଗ୍ରାମର ଆଦିବାସୀମାନେ କିପରି ଆବାସ ଗୃହ, ବିଦ୍ୟୁତ୍, ପାନୀୟଜଳ ତୁରନ୍ତ ପାଇପାରିବେ ସେନେଇ ବିଭାଗୀୟ କର୍ମଚାରୀ ଓ ଯନ୍ତ୍ରୀଙ୍କ ସହ ଏମ୍‌ପି ଆଲୋଚନା କରିଥିଲେ। ଦୀର୍ଘଦିନର ସମସ୍ୟା ଜିରିଣା–ଆଡ଼ିଆ ରାସ୍ତାର ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ପରେ ଏମ୍‌ପି ଓ ଜିଲା ଭାଜପା ସଭାପତି ଭଗବାନ ପଣ୍ଡା ଆଦିବାସୀଙ୍କ ସହ ବସି ଭୋଜନ କରିଥିଲେ। ପୂର୍ବତନ ଜିଲା ଭାଜପା ସଭାପତି ଅକ୍ଷୟ ସାହୁ, ସାମାଜିକ କର୍ମୀ ଅଜୟ ନାୟକ, ବନ୍ତ ମଣ୍ଡଳ ସଭାପତି ସନ୍ତୋଷ ନାୟକ, ସରପଞ୍ଚ ଇଂ.ପ୍ରମୋଦ ଜେନା, ଅମୂଲ୍ୟରତ୍ନ ନନ୍ଦ, କମଳାକାନ୍ତ ସାହୁ, ସରପଞ୍ଚ ମାନସ ପହି, ପୂର୍ବତନ ସରପଞ୍ଚ କୃପାସିନ୍ଧୁ ସେଠୀ, ଭାଗୀରଥି ସେଠୀ, କିଶୋର କିଙ୍କର ପଢ଼ିଆରୀ, ରୀତାରାଣୀ ବହେରା ପ୍ରମୁଖ ଯୋଗ ଦେଇଥିଲେ।



ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଏମ୍‌ପି ଅଭିମନ୍ୟୁ ସେଠୀ ଓ ଭାଜପା ନେତା।

# କଣ୍ଟା ଫୋଡ଼ି ନିଆଁହୁଳା ଧରି ନାଚିଲେ ପାଟୁଆ

ତିହିଡ଼ି,୧୫।୪(ସଞ୍ଜିତ ବଳ): ପଣା ସଂକ୍ରାନ୍ତି ସନ୍ଧ୍ୟାରେ ତିହିଡ଼ି ବ୍ଲକ ବାରୋ ପଞ୍ଚାୟତର ଦହପାଣିଆସ୍ଥିତ ମା' ବାସୁଳିଙ୍କ ପୀଠରେ ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୧୦୨ ବର୍ଷ ହେଲା ପୀଠରେ ଏକ ନିଆରା ପରମ୍ପରା ରହିଆସିଛି। ବାଦ୍ୟ ଓ ଗୀତର ତାଳେ ତାଳେ ପାଟୁଆମାନେ ନୃତ୍ୟ କରିଥାନ୍ତି। ସେମାନଙ୍କ ଅଣ୍ଟାରେ କଣ୍ଟା ଫୋଡ଼ା ହୋଇଥାଏ। କଣ୍ଟା ଓ ସେମାନେ ଧରିଥିବା କଣ୍ଟାର ଅଗ୍ରଭାଗରେ ନିଆଁହୁଳା ଥାଏ। ପରମ୍ପରା ଅନୁଯାୟୀ ପାଟୁଆମାନେ ଅଣ୍ଟାରେ କଣ୍ଟା ଫୋଡ଼ି ନିଆଁହୁଳା ଧରି ନାଚିଥିଲେ। ସକାଳେ ଯଥାବିଧିରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ମା'ଙ୍କ ମନ୍ଦିରଠୁ କିଛି ଦୂରରୁ ପାଟୁଆମାନଙ୍କୁ ଜଣ ଜଣ କରି ଶୋଭାଯାତ୍ରାରେ ମନ୍ଦିର ନିକଟକୁ ନିଆଯାଇଥିଲା। ସେଠାରେ ସେମାନଙ୍କ ଅଣ୍ଟାରେ କଣ୍ଟା ଫୋଡ଼ାଯାଇଥିଲା ଏବଂ କଣ୍ଟାର ଅଗ୍ରଭାଗରେ ବଳିତା ରଖାଯାଇ ନିଆଁ ଲଗାଯାଇଥିଲା। ପରେ ବାଦ୍ୟ ଓ ଗୀତର ତାଳେ ତାଳେ ପାଟୁଆମାନେ ନାଚିବା ଆରମ୍ଭ କରିଥିଲେ। ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୂଜା କମିଟିର ସଭାପତି ପଦ୍ମଲୋଚନ ମଲିକ, ସମ୍ପାଦକ ସଞ୍ଜୟ ମଲିକ, କର୍ମକର୍ତ୍ତା ସନାତନ ମଲିକ, ରବୀନ୍ଦ୍ର ମଲିକ, ଶ୍ୟାମସୁନ୍ଦର ମଲିକ, ରଘୁନାଥ ମଲିକ, କୈଳାସ ମଲିକ, ଅନାଦି ମଲିକ, ସୀତାକାନ୍ତ ମଲିକ, ନିତ୍ୟାନନ୍ଦ ମଲିକ, ପ୍ରଶାନ୍ତ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମା' ବାସୁଳିଙ୍କ ପୀଠରେ କଣ୍ଟା ଫୋଡ଼ା ପାଟୁଆମାନେ ନିଆଁହୁଳା ଧରି ନାଚୁଛନ୍ତି।

# ଶିବିରକୁ ବିଳମ୍ବରେ ଆସିଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

### ଅଧିକାରୀଙ୍କୁ ଜିଲାପାଳଙ୍କ ଚେତାବନୀ

ଧାମନଗର,୧୫ ।୪(ସନ୍ତୋଷ କୁମାର ମହାପାତ୍ର): ଧାମନଗର ବ୍ଲକ ସଭାଗୃହରେ ମଙ୍ଗଳବାର ସକାଳ ୭ଟାରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଏଥିରେ ଯୋଗଦେଇ ମୋଟ ୭୦ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୫୩ଟି ବ୍ୟକ୍ତିଗତ, ୧୪ଟି ସାମୂହିକ ଓ ୩ଟି ରେଡ୍‌କ୍ରସ ସମ୍ବନ୍ଧୀୟ ଅଭିଯୋଗ ଥିଲା। ଗ୍ରୀଷ୍ମପ୍ରବାହ ପାଇଁ ଏବେ ସକାଳୁଆ ଶିବିର ଆୟୋଜନ ହୋଇଥିବା ବେଳେ ଜିଲା ଓ ବ୍ଲକସ୍ତରୀୟ ଅଧିକାଂଶ ଅଧିକାରୀ ବିଳମ୍ବରେ ପହଞ୍ଚିଥିବାରୁ ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ। ସମୟାନୁବର୍ତ୍ତିତା ହେବାକୁ କଡ଼ା ଚେତାବନୀ ଦେବା ସହ ଏହାର ପୁନରାବୃତ୍ତି ହେଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶୁଣାଇଥିଲେ।



ମିଳିତ ଜନଶୁଣାଣି ଶିବିରରେ ଦିବ୍ୟାଙ୍ଗମାନଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଉଛି।

### ୭୦ ଅଭିଯୋଗର ଶୁଣାଣି

ଫଳପୁର ଗ୍ରାମର ଜୟରାମ ସ୍ୱାଇଁଙ୍କୁ ୫ ହଜାର ଟଙ୍କା, କଟସାହି ପଞ୍ଚାୟତ ଶ୍ରୀଗଙ୍ଗା ଗ୍ରାମର ମୁକ୍ତିକାନ୍ତ ପଣ୍ଡାଙ୍କୁ ୨୦ହଜାର ଓ ଧାମନଗର ଏନ୍‌ଏସି ଅଧୀନ ଦକ୍ଷିଣବାଡ଼ ଗ୍ରାମର ରବୀନ୍ଦ୍ର ବେହେରାଙ୍କୁ ୪ ହଜାର ଟଙ୍କା ରେଡ୍‌କ୍ରସରୁ ପ୍ରଦାନ ପାଇଁ ମଞ୍ଜୁର କରାଯାଇଥିଲା। ୪ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ସିଡିଓ ଶୁଭେନ୍ଦ୍ର ସାମଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ବଳ ଓ ବିଡିଓ ବନବିହାରୀ ଦିଣ୍ଡା ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ। ଅତିରିକ୍ତ ତହସିଲଦାର ସାଇ ଶିଲୋନା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିପିସି ପ୍ରଶାନ୍ତ କୁମାର ବାରିକ, ପୀୟୂଷ କୁମାର ରାଉତ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଜିଲାସ୍ତରୀୟ ଓଡ଼ିଆ ନବବର୍ଷ ଓ ଆମ୍ବେଡକର ଜୟନ୍ତୀ

ବାଲେଶ୍ୱର, ୧୫।୪(ବାଞ୍ଛାନିଧି ଦେ)– ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ଅଡିଟୋରିୟମ ହଲ୍‌ରେ ସୋମବାର ଓଡ଼ିଆ ପକ୍ଷ ପାଳନର ଅନ୍ତିମ ଦିବସରେ ସୋମବାର ଜିଲାସ୍ତରୀୟ ଓଡ଼ିଆ ନବବର୍ଷ ଏବଂ ଭାରତୀୟ ସମ୍ବିଧାନର ଜନକ ଭାରତରତ୍ନ ବାବାସାହେବ ଡ. ଭୀମରାଓ ଅମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଯୋଗଦେଇ ବାବା ସାହେବ ଡ. ଅମ୍ବେଡକରଙ୍କ ଆଦର୍ଶ, ତ୍ୟାଗ ଚିରଦିନ ପାଇଁ ସ୍ମରଣୀୟ ହୋଇରହିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ମାନସ କୁମାର ଦତ୍ତ, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଓ ହେମନ୍ତ ସିଂ, ବାଲେଶ୍ୱର ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ଓ ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ ଯୋଗଦେଇ ଓଡ଼ିଆ ନବବର୍ଷ ପାଳନ ଓ ଡ. ଅମ୍ବେଡକରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ।

# ୧୦ ବର୍ଷ ପରେ ମା’ କୋଳକୁ ଫେରିଲା ପୁଅ

## ଜେଲ ଗଲେ ବାପା

ବାଲେଶ୍ୱର, ୧୫।୪(ବାଞ୍ଛାନିଧି ଦେ):

ଦୀର୍ଘ ୧୦ବର୍ଷ ପରେ ମା’ କୋଳକୁ ଫେରିଲା ପୁଅ। ପୁଅକୁ ପାଇ ଭାବବିହ୍ୱଳ ହୋଇପଡ଼ିଲେ ମା’। ବହୁ ସଂଘର୍ଷ ପରେ ସେ ତାଙ୍କ ପୁଅକୁ ଫେରିପାଇଛନ୍ତି। ଆଜି ଧର୍ମର ଜୟ ହୋଇଛି। ପୁଅକୁ ପାଇ ବହୁତ ଖୁସି ଅନୁଭବ କରୁଛନ୍ତି ବୋଲି ମା’ ସୀମା ଶତପଥି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ବାଲେଶ୍ୱର ଜିଲା ଗୋପାଳପୁର ଥାନା ଅଧୀନ ପଣ୍ଡାଶୁଣି ଗ୍ରାମର କମଳାକାନ୍ତ ମିଶ୍ର ମୋତିଗଞ୍ଜ ମେଣ୍ଢାଶୂଳ ଅଞ୍ଚଳର ଶରତ କୁମାର ଶତପଥିଙ୍କ କନ୍ୟା ସୀମାଙ୍କୁ ୨୦୦୮ରେ ବିବାହ କରିଥିଲେ। ଯୌତୁକଜନିତ ନିର୍ଯାତନା ଦିଆଯାଉଥିବା ନେଇ ୨୦୧୬ରେ ସୀମା ସ୍ୱାମୀଙ୍କ ବିରୋଧରେ ଖନ୍ତାପଡ଼ା ଥାନାରେ ଅଭିଯୋଗ କରିଥିଲେ। ସେମାନଙ୍କର ଏକ ଶିଶୁପୁତ୍ର ଥିଲା। ସୀମା ଶିଶୁପୁତ୍ର ସହ ନିଜ ବାପଘରକୁ ପଳାଇ ଆସିଥିଲେ।



ଉଦ୍ଧାର ପୁଅକୁ ସିଡବ୍ଲ୍ୟୁସି ଦ୍ୱାରା ମା’ଙ୍କୁ ହସ୍ତାନ୍ତର କରାଯାଉଛି।

କୌଶଳକ୍ରମେ ସ୍ୱାମୀ କମଳାକାନ୍ତ ୪ବର୍ଷର ପୁଅକୁ ମା’ଠାରୁ ଲୁଚାଇ ନେଇ ଫେରାର ହୋଇଯାଇଥିଲେ। ପୁଅକୁ ଫେରିପାଇବା ଓ ସ୍ୱାମୀଙ୍କଠାରୁ ଭରଣପୋଷଣ ପାଇବା ପାଇଁ ସୀମା ପରିବାର ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଶିଶୁପୁତ୍ରକୁ ମା’ଙ୍କୁ ହସ୍ତାନ୍ତର କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। କମଳାକାନ୍ତ ଫେରାର ଥିବାରୁ ତାଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ବାଲେଶ୍ୱର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଦିଲ୍ଲୀରେ ଚଢ଼ାଉ କରି ୧୪ବର୍ଷର ନାବାଳକ ପୁତ୍ରକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ବାପାଙ୍କୁ ଗିରଫ କରିଥିଲେ। ନାବାଳକ ପୁତ୍ରକୁ ଜିଲା ଶିଶୁ ମଙ୍ଗଳ କମିଟି ହେପାଜତରେ ରଖାଯାଇଥିଲା। ମଙ୍ଗଳବାର ପରିବାର ଅଦାଲତରେ ଗିରଫ ବାପାଙ୍କୁ ହାଜର କରାଯାଇଥିଲା। ଏହି ସମୟରେ ଉଦ୍ଧାର ପୁତ୍ର ସନ୍ତାନଙ୍କ ସହ ଉଭୟ ପକ୍ଷ ପରିବାର ଲୋକେ ସେଠାରେ ଉପସ୍ଥିତ ଥିଲେ।

ସୀମା ଶତପଥୀଙ୍କ ଓକିଲ ସସ୍ମିତା ମିଶ୍ରଙ୍କ କହିବା ଅନୁସାରେ, ସୀମାଙ୍କୁ ଭରଣପୋଷଣ ଓ ପୁଅକୁ ଫେରି ପାଇବା ଘଟଣାରେ ପରିବାର ଅଦାଲତରେ ଶୁଣାଣି ହୋଇଥିଲା। ପ୍ରଥମେ କମଳାକାନ୍ତଙ୍କ ସ୍ତ୍ରୀ ସୀମାଙ୍କ ପକ୍ଷରୁ କୋର୍ଟରେ ଭରଣପୋଷଣ ପାଇଁ ୬ଲକ୍ଷ ୪୫ହଜାର ଟଙ୍କା ଦାବି କରାଯାଇଥିଲା। ପ୍ରାଥମିକ ସ୍ତରରେ କମଳାକାନ୍ତ ୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ବାକି ୫ଲକ୍ଷ ୪୫ହଜାର ଟଙ୍କା ପ୍ରଦାନ କରି ନ ଥିଲେ। କୋର୍ଟ କମଳାକାନ୍ତଙ୍କୁ ବାକି ଟଙ୍କା ପ୍ରଦାନ କରିବାକୁ କହିଥିଲେ ହେଁ ସେ ଦେଇପାରିବେ ନାହିଁ ବୋଲି କହିଥିଲେ। ଏକ ଅଣ୍ଡରଟେକିଂ ମାଧ୍ୟମରେ ସିଡବ୍ଲ୍ୟୁସିଙ୍କଠାରୁ ଉଦ୍ଧାର ପୁତ୍ରକୁ ତାଙ୍କ ମା’ ସୀମାଙ୍କୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିବା କହିଥିଲେ। କୋର୍ଟଙ୍କ ପୁରୁଣା ନିର୍ଦ୍ଦେଶ ମୁତାବକ ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଓ ଅନିତା କରଙ୍କ ଉପସ୍ଥିତିରେ ଅଣ୍ଡରଟେକିଂ ଦ୍ୱାରା ନାବାଳକ ପୁଅକୁ ତାଙ୍କ ମା’ଙ୍କୁ ହସ୍ତାନ୍ତର କରାଯାଇଥିଲା। ନାବାଳକଙ୍କ ଅଜା ଓ ଆଈ ଉପସ୍ଥିତ ଥିଲେ। ଅପରପକ୍ଷରେ କମଳାକାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଗୁରୁଗ୍ରାମରେ ପ୍ରବାସୀ ଓଡ଼ିଆଙ୍କ ପକ୍ଷରୁ ବିଷୁବ ସଂକ୍ରାନ୍ତି



ନୀଳାଚଳ ପରିବାରର ସ୍ୱେଚ୍ଛାସେବୀ ବୃନ୍ଦ।

ଖଇରା, ୧୫।୪(ଉତ୍କଳବନ୍ଧୁ ପଣ୍ଡା):

ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ହରିଆଣା ଗୁରୁଗ୍ରାମ ଭୋଣ୍ଡସି ମାରୁତିକୁଞ୍ଜସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସୋମବାର ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଛି। ନୀଳାଚଳ ପରିବାର, ଆୟୁଷ୍ମାନ ଫାଉଣ୍ଡେଶନ ଓ ଜଗନ୍ନାଥ ମନ୍ଦିର ପରିଚାଳନା କମଟି ମିଳିତ ସହଯୋଗରେ ବିଷୁବ ସଂକ୍ରାନ୍ତି ପାଳନ ଅବସରରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପୂଜାର୍ଚ୍ଚନା ସହ ହୋମଯଜ୍ଞାଦି କରାଯାଇଥିଲା। ପରେ ଭକ୍ତମାନଙ୍କୁ ଅନ୍ନପ୍ରସାଦ ଓ ପଣା ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମନ୍ଦିର କମିଟି ସଭାପତି ସୌମ୍ୟରଞ୍ଜନ ରଥ, ସମ୍ପାଦକ ସରୋଜ ସାହୁ, ସାହାଜୀ ରାଉତ, ପବିତ୍ର ରାଉତ, ନୀଳାଚଳ ପରିବାର ମୁଖ୍ୟ ବିପ୍ଳବ ପଣ୍ଡା, ବିଶ୍ୱରଞ୍ଜନ ସାହୁ, ଶ୍ରୀମନ୍ତ ବିଶ୍ୱାଳ, ଜୟଦେବ ପତି, ବିଜୟ ରାଉତ, ସୁଶାନ୍ତ ମଲ୍ଲିକ, ରବିରଞ୍ଜନ ସ୍ୱାଇଁ ଓ ଗଗନ କୁମାର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଏଫ୍‌ଏମ୍‌ୟୁରେ ସାର୍ବଜନୀନ ଜଳଛତ୍ର ଉଦ୍‌ଘାଟିତ



ବାଲେଶ୍ୱର,୧୫।୪(ବାଞ୍ଛାନିଧି ଦେ)

ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ତରଫରୁ ସୋମବାର ପୂର୍ବାହ୍ନ ୧୧ଟାରେ ନୂଆପାଢ଼ିସ୍ଥିତ କ୍ୟାମ୍ପସ୍ ମୁଖ୍ୟ ଦ୍ୱାର ସମ୍ମୁଖରେ ସାର୍ବଜନୀନ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ସମ୍ପାଦକ ଡ. ଦେବଦତ୍ତ ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଦସ୍ୟ ସୁପ୍ରିୟା ରାଉତ, ରାମଚନ୍ଦ୍ର ଦେ ଓ ବିଶ୍ୱମ୍ଭର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନେ ପାନୀୟଜଳ ଓ ପଣା ଆଦି ବଣ୍ଟନ କରିଥିଲେ।

## ଅଷ୍ଟିପଦାରେ ଖରାସୁଣୀ ଉଡ଼ାପର୍ବ

ବାହାନଗା, ୧୫।୪(ଅରୂପ କୁମାର ଦାସ):

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ଜେନାସାହିସ୍ଥିତ ଅଷ୍ଟିପଦାଠାରେ ମା’ ଖରାସୁଣୀଙ୍କ ଉଡ଼ା ଯାତ୍ରା ପର୍ବ ଅନୁଷ୍ଠିତ ହୋଇଛି। ସୋମବାର ସଂକ୍ରାନ୍ତିରେ ନିଶା ଘଟ ବାହାର କରି ଘଟ ଉତ୍ତୋଳନ କରାଯାଇଥିଲା। ସେହି ରାତିରେ ମା’ ଖରାସୁଣୀ, ମା’ ମଙ୍ଗଳା, କାଳିକା ଆଦି ଠାକୁରାଣୀମାନଙ୍କୁ ମାର୍ଜନା କରାଯାଇଥିଲା। ଏଥିରେ ଭକ୍ତାମାନେ ନିଆଁ ପାଟରେ ଚାଲିଥିଲେ। ଉଡାପର୍ବରେ ୮ରୁ ୧୦ଜଣ ମା’ଙ୍କ ଭକ୍ତ ବିଶ୍ରାମ ହୋଇ ନିଆଁ ପାଟରେ ଚାଲିବା ପରେ ଭକ୍ତ ଓ ଉପବାସ ରହିଥିବା ଭକ୍ତାମାନେ ନିଆଁ ପାଟରେ ଚାଲିଥିଲେ। ପରେ ଏକ ବିରାଟକାୟ ଗଛ ପୋତାଯାଇଥାଏ।


ଉଡ଼ାପର୍ବରେ ଭକ୍ତାମାନେ ନିଆଁପାଟରେ ଚାଲୁଛନ୍ତି।

ଉଡ଼ା ପାଟରେ ଉଡୁଥିବା ଦାସୀ ଓ ପାଟୁଆମାନଙ୍କୁ ଜଣକ ପରେ ଜଣେ ବାଉଁଶରେ ବନ୍ଧାଯାଇଥିଲା। ସେମାନେ ଓହଳି ରହି ଚାରିକଡକୁ ବାଉଁଶ ଦ୍ୱାରା ଉପରେ ଘୁରିଥିଲେ। ଏହି ଉଡାପର୍ବରେ ମୁଖ୍ୟ ରାମଚନ୍ଦ୍ର ଯେନା, ଶ୍ରୀପତି ଯେନା, ମନୋରଞ୍ଜନ ଯେନା, ପର୍ଶୁରାମ ଯେନା ପ୍ରମୁଖଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଯାତ୍ରା ୨ଶହରୁ ଊର୍ଦ୍ଧ୍ୱ ବର୍ଷ ଧରି ପାଳନ ହୋଇ ଆସୁଥିବା ସମ୍ପାଦକ ରବୀନ୍ଦ୍ର ମହାଳିକ, ସାଗର ନାୟକ, ବଂଶୀଧର ସେଠୀ ପ୍ରମୁଖ ପ୍ରକାଶ କହିଛନ୍ତି।

## ପୌରପାଳିକା ପ୍ରଶାସନିକ କାର୍ଯ୍ୟାଳୟ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ମନ୍ତ୍ରୀ ଓ ଅତିଥିବୃନ୍ଦ।

ଜଳେଶ୍ୱର, ୧୫।୪(ନବୀନ ସାହୁ)

ଜଳେଶ୍ୱର ପୌରପାଳିକା ପ୍ରଶାସନିକ କାର୍ଯ୍ୟାଳୟ ମଙ୍ଗଳବାର ଅପରାହ୍ନ ୪ଟାରେ ଉଦ୍‌ଘାଟିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର୍ ପାତ୍ର, ସମ୍ମାନିତ ଅତିଥି ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ପୌରପାଳିକା ଅଧ୍ୟକ୍ଷ ପ୍ରତୀପ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଜଳେଶ୍ୱର ପୌରପାଳିକା ପ୍ରଶାସନିକ କାର୍ଯ୍ୟାଳୟ ସହିତ ୧୬ନଂ. ୱାର୍ଡରେ ଏକ ଗୋଶାଳା, ୧୨ ନଂ. ୱାର୍ଡରେ ଏକ ପାଠାଗାର ଓ ମଣିପାଟଣା ରାସ୍ତାର ଉଦ୍‌ଘାଟନ ସହିତ ଇ–ଲାଇବ୍ରେରୀର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ଅବସରରେ ଜଳେଶ୍ୱରରେ ଏକ ଟାଉନ୍ ହଲ ନିର୍ମାଣ ସହ ଗୋହତ୍ୟା ଏବଂ ଗୋଚାଲାଣ ବନ୍ଦ, ଚୋରା ବାଲିଚାଲାଣ ବନ୍ଦ ପାଇଁ ଏକ ଦାବିପତ୍ର ଦିଆଯାଇଥିଲା। ଜଳେଶ୍ୱରକୁ ସବ୍‌ଡିଭିଜନ ଘୋଷଣା ପାଇଁ ବିଧାୟକ ପାତ୍ର ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ବୁଲା ଗୋରୁଙ୍କ ପାଇଁ ଏକ କଞ୍ଜିଆହୁଦା ପ୍ରତିଷ୍ଠା ଏବଂ ଏକ ଟାଉନ୍ ହଲ୍ ନିର୍ମାଣ ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

## କାଳବୈଶାଖୀରେ ଛପର ଉଡ଼ିଲା

ପାଟଣା,୧୫।୪(ବୀର କିଶୋର ଦାଶ):

କେନ୍ଦୁଝର ଜିଲା ପାଟଣା, ସାହାରପଡ଼ା, ଉଖୁଣ୍ଡା ଓ ତୁରୁମୁଙ୍ଗା ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ଷା ପବନ ସାଙ୍ଗକୁ କୁଆ ପଥର ବର୍ଷାରେ ବଡ଼ ଗଛ ଉପୁଡି ପଡ଼ିଛି। ଘର ଛପର ଉଡ଼ିଯିବା ସହ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ଚମ୍ପୁଆ ରାସ୍ତାର ବାରିଆ ନିକଟରେ ରାସ୍ତା ଉପରେ ବଡ଼ ଗଛ ପଡ଼ିଥିବାରୁ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ଏଥି ସହ ତୁରୁମୁଙ୍ଗା ହାଇସ୍କୁଲ ନିକଟରେ ବିରାଟ ନିମ୍ବ ଗଛ ପଡ଼ିଥିବା ରାସ୍ତା ଅବରୋଧ ହୋଇଥିଲା। ତୁରୁମୁଙ୍ଗା ମନ୍ଦିର ସାହିରେ ତପନ ସାହୁ, ତୁରୁମୁଙ୍ଗା ନାଏକ ସାହିର ବାସନ୍ତୀ ଦେହୁରୀଙ୍କ ଘର ଉପରେ ଗଛ ପଡ଼ି ଘର ନଷ୍ଟ ହୋଇଯାଇଛି। ପବନ ଯୋଗୁ ତୁରୁମୁଙ୍ଗା ବଜାର ଉପରେ ଥିବା କେତେକ ଦୋକାନ ଆଜବେଷ୍ଟସ ଛପର ଉଡି ଯାଇଛି। ତୁରୁମୁଙ୍ଗା ବିଦ୍ୟୁତ୍ ସବ୍‌ଷ୍ଟେଶନର ଟ୍ରାନ୍ସଫର୍ମର ଉପରେ ନିମ୍ବ ଗଛ ଡାଳ ଖସି ପଡ଼ିବା ସହ ପବନ ଯୋଗୁ ତ୍ରିବିନ୍ଧା, ତେନ୍ତୁଳା, ନିମ୍ବୁଆଁ, ତୁରୁମୁଙ୍ଗା ବଜାର ଆଦି ସ୍ଥାନରେ ଅନେକ ଖୁଣ୍ଟ ଉପୁଡି ପଡ଼ିବା ସହ ତାର ଛିଣ୍ଡି ଯାଇଛି। କୁଆପଥର ମାଡ଼ରେ ପନିପରିବା ଚାଷ ବ୍ୟାପକ ନଷ୍ଟ ହୋଇଛି।

## ୨୦ ହଜାରରେ ପଣା ଗ୍ଲାସ ନିଲାମ

ବଡବିଲ,୧୫।୪(ଦେବପ୍ରିୟ ରଣା):

କେନ୍ଦୁଝର ଜିଲା ବଡ଼ବିଲ ପିଏଚଡିସ୍ଥିତ ଐକ୍ୟକ୍ଷେତ୍ରରେ ସୋମବାର ସନ୍ଧ୍ୟାରେ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ଶୈଳଜା ବିଷୁବ ସଂସ୍କୃତି ପକ୍ଷରୁ ଏକ ସାଂସ୍କୃତିକ ମହା ମିଳନର ଆୟୋଜନ ହୋଇଥିଲା। ଏହି ଅବସରରେ ଶ୍ରୀ ଜଗନ୍ନାଥଙ୍କଠାରେ ଲାଗି ହୋଇଥିବା ଏକ ପଣା ଗ୍ଲାସ୍‌ର ନିଲାମ ଡାକ ଆରମ୍ଭ ହୋଇଥିଲା। ସର୍ବାଧିକ ୨୦ ହଜାର ଟଙ୍କା ଡାକ ଦେଇ ଶୁଭରନ ସାମଲ ନେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଆୟୋଜିତ ମିଳନର ପ୍ରାରମ୍ଭରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ମୁଖ୍ୟ ବକ୍ତାଭାବେ ବଡବିଲ ମହାବିଦ୍ୟାଳୟର ଓଡିଆ ବିଭାଗ ଅଧ୍ୟାପକ ଅସିତ ପ୍ରଧାନ, ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବଡବିଲ, ସବ୍‌ଡିଭିଜନାଲ ପୋଲିସ ଅଫିସର ଦେବେନ୍ଦ୍ର ପିଙ୍ଗୁଆ, ଓଡ଼ିଶା ଖଣି ନିଗମ ଆଞ୍ଚଳିକ ଅଧିକାରୀ ଅବନୀକାନ୍ତ ପ୍ରଧାନ, ବଡବିଲ ଥାନା ଇନ୍‌ସପେକ୍ଟର ଅଶୋକ ନାୟକ ଯୋଗଦେଇଥିଲେ। ବଡ଼ବିଲ ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସଭାର ସଭାପତିତ୍ୱ କରିଥିଲେ। ପରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

## ଏଜେ ଫିଟ୍‌ନେସ୍ ବଡ଼ବିଲ ଚାମ୍ପିୟନ

### ନାଇଟ୍ କ୍ରିକେଟ୍ ପ୍ରତିଯୋଗିତା

ଚମ୍ପୁଆ,୧୫।୪(ମହେଶ୍ୱର ଦାସ):

କେନ୍ଦୁଝର ଜିଲା ଚମ୍ପୁଆ ନେହେରୁ ଷ୍ଟାଡିୟମଠାରେ ଚମ୍ପୁଆ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟାରେ ଚାଲିଥିବା ୨ୟ ଚ୍ୟାଲେଞ୍ଜର କ୍ରିକେଟ୍ ପ୍ରତିଯୋଗିତା ସୋମବାର ସନ୍ଧ୍ୟା ୭ଟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଏମ୍‌ଏମ୍‌ସି ବିଡିଏନପୁରକୁ ହରାଇ ଏଜେ ଫିଟ୍‌ନେସ ବଡବିଲ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ା, ସମ୍ମାନିତ ଅତିଥିଭାବରେ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୧ ଲକ୍ଷ ଅର୍ଥରାଶି ଓ ଟ୍ରଫି ଏବଂ ରନର୍ସଅପ ଦଳକୁ ୭୦ ହଜାର ଓ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ, ସିରିଜ ଭାବେ ଲାଲଟୁ, ବେଷ୍ଟ ବ୍ୟାଟ୍ସମ୍ୟାନ ସୁଧାକର ନାଏକ, ବେଷ୍ଟ ଫିଲଡର ଦଲଜ୍ୱିଜଙ୍କୁ ପୁରସ୍କୃତ କରାଯାଇଥିଲା। ମୁନାଜିର ଜାକି ଓ ସାହନ୍ୱାଜ ଆଲାମ ଧାରା ବିବରଣୀ ପ୍ରଦାନ କରିଥିଲେ। ସୌମ୍ୟରଞ୍ଜନ ରଣା ଓ ସୁଶାନ୍ତ କୁମାର ପଣ୍ଡା ଖେଳ ପରିଚାଳନା କରିଥିଲେ। ସଭାପତି ଅରୁଣ ପତି ଓ ସମ୍ପାଦକ ପବିତ୍ର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଦସ୍ୟମାନେ ସହଯୋଗ କରିଥିଲେ।

## ସାରୁଗାଁ ସିଦ୍ଧବାସୁଳୀ ପୀଠରେ ୧୦୦୮ ପ୍ରଦୀପ ପ୍ରଜ୍ୱଳନ

ଖଇରା, ୧୫।୪(ଉତ୍କଳବନ୍ଧୁ ପଣ୍ଡା):

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁସ୍ଥିତ ମା’ ବାସୁଳୀ ପୀଠରେ ମହାବିଷୁବ ସଂକ୍ରାନ୍ତି ସୋମବାର ସନ୍ଧ୍ୟାରେ ମା’ଙ୍କ ପୂଜା ସାଙ୍ଗକୁ ଦୀପଯଜ୍ଞ ସହ ଖଣ୍ଡା ପାଟୁଆ ପର୍ବ ଅନୁଷ୍ଠିତ ହୋଇଯାଇଛି। ସେବକ ଅକ୍ଷୟ ବାରିକ, ପ୍ରଫୁଲ୍ଲ ଭଞ୍ଜ ଓ ବ୍ରାହ୍ମଣ ଶ୍ରୀଧର ପଣ୍ଡା ଓ ନିରଞ୍ଜନ କରଙ୍କ ଦ୍ୱାରା ମା’ଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ଭକ୍ତମାନଙ୍କ ଦ୍ୱାରା ୧ ହଜାର ୮ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ହରେକୃଷ୍ଣ ଦାଶଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପଦ୍ମଲୋଚନ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମର ସୁରେନ୍ଦ୍ର ସାହୁ, ଗୟାଧର ରାଉତ, ଦାମୋଦର ମହାପାତ୍ର, ଗୌତମ ରାଉତ ତଥା ଦାମୋଦର ଦାଶଙ୍କ ପରିବାର ଲୋକେ ସହଯୋଗ କରିଥିଲେ।

## ଲାଇନମ୍ୟାନ୍ ହେଉଛନ୍ତି ପ୍ରକୃତ ହିରୋ



ତାଲିମ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଲାଇନମ୍ୟାନ୍।

ବାଲେଶ୍ୱର, ୧୫।୪(ବାଞ୍ଛାନିଧି ଦେ):

### ଟିପିଏନ୍‌ଓଡିଏଲ୍‌ର ‘ମୁଁ ପଢ଼ିବି, ମୁଁ ବଢ଼ିବି’ କାର୍ଯ୍ୟକ୍ରମ

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିଏନଓଡିଏଲ) ପକ୍ଷରୁ ‘ମୁଁ ପଢ଼ିବି, ମୁଁ ବଢ଼ିବି’ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବାଲେଶ୍ୱର ଓ ଯୋଡ଼ାଠାରେ ଥିବା ଅତ୍ୟାଧୁନିକ ଦକ୍ଷତା ବିକାଶ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଲାଇନମ୍ୟାନ୍‌ଙ୍କୁ ସଶକ୍ତୀକରଣ କରିବା ପାଇଁ ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଏଥିରେ ସୁରକ୍ଷା ଅଭ୍ୟାସ, ଗ୍ରାହକ ସେବା, ଯୋଗାଯୋଗ ଓ ଦଳଗତ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଟିପିଏନଓଡିଏଲ୍‌ର ମୂଳ ମୂଲ୍ୟବୋଧ ଓ ପରିଚାଳନା ଲକ୍ଷ୍ୟ ସହିତ ସମନ୍ୱିତ ଥିବା ଏହି କ୍ଷେତ୍ରଗୁଡ଼ିକୁ ଯତ୍ନର ସହ ଚୟନ କରାଯାଇଥିଲା।

ଆୟୋଜିତ ଅଧିବେଶନରେ ସମ୍ମାନନୀୟ ଅତିଥି ଭାବେ ଟିପିଏନଓଡିଏଲ୍‌ର ସିଇଓ ଦ୍ୱିଜଦାସ ବସାକ ଯୋଗଦେଇ ଉତ୍ତରଓଡ଼ିଶାର ପ୍ରତିଟି କୋଣରେ ବିଦ୍ୟୁତ ଶକ୍ତି ପହଞ୍ଚିବାକୁ ସୁନିଶ୍ଚିତ କରିବା ପାଇଁ ଲାଇନମ୍ୟାନ୍ ହେଉଛନ୍ତି ପ୍ରକୃତ ହିରୋ। ଏହି ଅଭିଯାନ ଜରିଆରେ ସେମାନଙ୍କ ଦକ୍ଷତା ବଢ଼ାଇବା, ମନୋବଳ ଦୃଢ଼ କରିବା ଏବଂ ସୁରକ୍ଷା ଓ ସଂହତି ସହିତ ଉତ୍କର୍ଷତା ପ୍ରଦାନ କରିବା ଲକ୍ଷ୍ୟ ବୋଲି କହିଥିଲେ। ପରିଚାଳନା ସେବା ମୁଖ୍ୟ ନିଲେଶ ପୋଟଫୋଡ଼େ ଓ ମାନବ ସମ୍ବଳ ମୁଖ୍ୟ ରମେନ୍ଦ୍ର ବଣିକ ଯୋଗଦେଇ ତାଲିମ ଓ ଦକ୍ଷତା ବିକାଶ କେବଳ ବୈଷୟିକ ବିଷୟ ଜାଣିବା ନୁହେଁ, ଏହା ହେଉଛି ସେବା–ପ୍ରଥମ ମନୋଭାବକୁ ଆକାର ପ୍ରଦାନ କରିବା ବୋଲି କହିଥିଲେ। ଅତିଥିମାନେ ପ୍ରଶିକ୍ଷାର୍ଥୀଙ୍କ ସହ ଭାବ ବିନିମୟ କରିବା ସହିତ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣରେ ଲାଇନମ୍ୟାନ୍‌ଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ।

## ଔପଦା ମୁକ୍ତି ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

ଔପଦା, ୧୫।୪(ଧରିତ୍ରୀ ପଣ୍ଡା):

ଔପଦା ମୁକ୍ତି ସାହିତ୍ୟ ସଂସଦ ପକ୍ଷରୁ ବିଷୁବସଂକ୍ରାନ୍ତି ଅବସରରେ ସୋମବାର ସ୍ଥାନୀୟ ସରକାରୀ ହାଇସ୍କୁଲ ପରିସରରେ ବିଶିଷ୍ଟ କବି ଓ ସାହିତ୍ୟିକମାନଙ୍କୁ ନେଇ ସାରସ୍ୱତ ସମାରୋହ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ମୁକ୍ତି ସାହିତ୍ୟ ସଂସଦ ସଭାପତି ବିଶିଷ୍ଟ କବି ତଥା ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ନାୟକ ସଭାପତିତ୍ୱ କରି ଜଗତର କଲ୍ୟାଣ ପାଇଁ ସାହିତ୍ୟ ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ କୁଳମଣି ବାରିକ ଯୋଗଦେଇ ସୁସ୍ଥ ସୁନ୍ଦର ସମାଜ ଗଠନରେ ପ୍ରଗତିବାଦୀ ସାହିତ୍ୟର ବାର୍ତ୍ତା ରହୁ ବୋଲି କହି ମା’ଙ୍କୁ ଘୃଣା ନ କରି ସମ୍ମାନ ଦେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜଟଣୀ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ମଦନମୋହନ ମହଲା ଯୋଗ ଦେଇଥିଲେ। ଅନ୍ୟତମ ବରେଣ୍ୟ ଅତିଥି



ସମାରୋହରେ ମଞ୍ଚାସୀନ ଅତିଥିଗଣ।

ଭାବେ ଚେତନା ସାହିତ୍ୟ ସଂସଦ ସମ୍ପାଦକ କବି ଶରତ ଚନ୍ଦ୍ର ମହାପାତ୍ର କବିତା ପାଠ କରି ବିଶ୍ୱଠାରୁ ଭାରତବର୍ଷ ପର୍ଯ୍ୟନ୍ତ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଔପଦା ମୁକ୍ତି ସାହିତ୍ୟ ସଂସଦ ମୁକ୍ତିର ସ୍ୱର ଉଠାଉଥିବାରୁ ଔପଦା କଳା, ସାହିତ୍ୟ ଓ ସଂସ୍କୃତିର ମାଟି ବୋଲି କହିଥିଲେ। ବିଶିଷ୍ଟ କବି କାଳୀପଦ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟ ହିଁ ଚେତନା, ମଣିଷଠାରୁ ମଣିଷ ମୁକ୍ତି ପାଇଁ ସଂଗ୍ରାମ କରୁଛି ବୋଲି କହିଥିଲେ। କବି ଡ. ଭାଗବତ ଲେଙ୍କା, ପଦ୍ମଲୋଚନ ଜେନା, ଅନ୍ତର୍ଯ୍ୟାମୀ ନାୟକ, କବି ମାୟାଧର ମାନସିଂ ସାହିତ୍ୟର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ଚିତ୍ତରଞ୍ଜନ ବେହେରା ଅତିଥି ପରିଚୟ, ଆଇନଜୀବୀ ଅନନ୍ତ ପ୍ରସାଦ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କବି ଲମ୍ବୋଧର ନନ୍ଦ, ଆଇନଜୀବୀ ମନୋଜ ଦାଶ, ସାମାଜିକ କର୍ମୀ ନିରଞ୍ଜନ ବାରିକ, ଶିକ୍ଷକ ଅଞ୍ଜନ କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ, ପୂର୍ଣ୍ଣଚନ୍ଦ୍ର ପାତ୍ର, ସାମାଜିକ କର୍ମୀ ରାମେଶ୍ୱର ଦାଶ ସ୍ୱରଚିତ କବିତା ପାଠ କରିଥିଲେ। ସାରସ୍ୱତ ସମାରୋହରେ ଶିକ୍ଷାବିତ ପିତାମ୍ବର ବାରିକ, ଶୁଭେନ୍ଦୁ କୁମାର ପଣ୍ଡା, ଭଗବାନ ନାୟକ, ସାମାଜିକ କର୍ମୀ ଭାସ୍କର ଖିଲାର ପରି ବହୁ ସାହିତ୍ୟିକ ପ୍ରେମୀ ସାମିଲ ହୋଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ନରହରି ନାୟକ ଧନ୍ୟବାଦ ଦେଇଥିଲେ।

## ୬୫ଟି ଅଭିଯୋଗ ଆଗତ

ଚମ୍ପୁଆ,୧୫।୪(ମହେଶ୍ୱର ଦାସ):

କେନ୍ଦୁଝର ଜିଲା ଚମ୍ପୁଆ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ କେନ୍ଦୁଝର ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୭ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ବିଶାଲ ସିଂହ, ଏସ୍‌ପି ନିତିନ କୁଶଲକର, ଡିଏଫ୍‌ଓ ଡିଡି ହନୁମନ୍ତ, ପିଡି ଡିଆରଡିଏ କୁମାର ନାଗଭୂଷଣ, ସିଡିଏମଓ କିଶୋର ପୃଷ୍ଟି, ଉପଜିଲାପାଳ ଉମାକାନ୍ତ ପରିଡ଼ା, ଅତିରିକ୍ତ ଏସ୍‌ପି ହରପ୍ରିୟା ନାୟକ ପ୍ରମୁଖ ଯୋଗଦେଇଥିବା ବେଳେ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଚମ୍ପୁଆ ବ୍ଲକ୍‌ର ୨୨ ପଞ୍ଚାୟତ ଓ ଗୋଟିଏ ଏନ୍‌ଏସି ପକ୍ଷରୁ ୬୫ ଅଭିଯୋଗ ଆଗତ ହୋଇଥିଲା। ବିଶେଷ ଭାବରେ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ଅଙ୍ଗନୱାଡି ଗୃହ, ଟ୍ରମାକେୟାର, ବିଦ୍ୟାଳୟ ମରାମତି ସମେତ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ହୋଇଥିଲା। ଏପରିକି ଜିଲାପାଳଙ୍କ ଦ୍ୱାରା ୧୫ଜଣ ଭିନ୍ନକ୍ଷମଙ୍କୁ ବ୍ୟାଟେରିଚାଳିତ ୩ ଚକିଆ ସାଇକେଲ ପ୍ରଦାନ କରାଯାଇଥିଲା। କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା ଅଭିଯୋଗ କରି କହିଥିଲେ, ଜନ ଶୁଣାଣି ହେଉଛି, ମାତ୍ର ଏହାର କୌଣସି ସୁଫଳ ମିଳୁନାହିଁ। ୨୦୨୨ରୁ ସେ ଦାୟିତ୍ୱ ନେବା ଦିନଠାରୁ ଲୋକଙ୍କ ସମସ୍ୟା ନେଇ ଆସୁଛନ୍ତି। ମାତ୍ର ତାର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅଭିଯୋଗକାରୀ ନିରାସ ହେଉଛନ୍ତି। ଏ ନେଇ ଜିଲାପାଳଙ୍କୁ ଅବଗତ କରିଛନ୍ତି। ଏହାର ତଦନ୍ତ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯୋଗ ସୁଣାଣି ପରେ ଜିଲାପାଳ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାନ ତଦାରଖ କରିଥିବା ବେଳେ ଡିଏଫ୍‌ଓ ଟ୍ରମାକେୟାର ସ୍ଥାନରେ ଥିବା ଜଙ୍ଗଲ ଜମି ବୁଲି ଦେଖିଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

ମୋରଡ଼ା,(ସ୍ମାରକ ମାଜୀ:- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳର ଜଣେ ଯୁବକ ମଙ୍ଗଳବାର ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ଘୋଲମୁହାଁ ପଞ୍ଚାୟତ ଇଟାପୋଖରୀ ଗ୍ରାମର ପଞ୍ଚାନନ ହେମ୍ବ୍ରମ। ଏନେଇ ତାଙ୍କ ସ୍ତ୍ରୀ କାପୁର ହାଁସଦା ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ନ ୩ଟା ସମୟରେ ବାରିପଦା ଟାଉନ ଥାନା ଅଧୀନ ବାରିକପୁର ଗ୍ରାମ ନିକଟ ପୋଖରୀରେ ପଞ୍ଚାନନଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

**ମୟୂରଭଞ୍ଜ**

# ଓଡ଼ିଶୀ, ଛଉ ଓ ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ

## ଆରମ୍ଭ ହେଲା ବଳାଙ୍ଗୀ ମହୋତ୍ସବ

ବାରିପଦା,୧୫।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥିମାନେ।

ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ବାରିପଦାଠାରେ ମୟୂରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ଘାଟକ ଭାବେ ମୟୂରଭଞ୍ଜ ମହାରାଜା ତଥା ପୂର୍ବତନ ମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବରେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ସାହିତ୍ୟିକ ଅଶୋକ ପଲେଇ, ମହୋତ୍ସବ କମିଟିର ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି ଅଭିହିତ କରିବା ସହିତ ବାରିପଦାଠାରେ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମସ୍ଥଳୀରେ ଦୀର୍ଘ ୨୩ ବର୍ଷ ଧରି ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ଜିଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସୁଛି ବୋଲି କହିଥିଲେ। ସହ ସମ୍ପାଦକ ଡ. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ, ଶ୍ରଦ୍ଧା ମିଶ୍ର, ଆଦ୍ୟାଶା ଦାସ, ଅନ୍ୱେଷା ଦାସ, ମାମୁନି ମହାନ୍ତ, ଜ୍ୟୋତିଶ୍ରୀ ରାଉତ ଏବଂ ସୁଦର୍ଶନ ଗାଁଣ ସ୍ୱାଗତ ସଂଗୀତ ଗାନ କରିଥିଲେ। ମହୋତ୍ସବ କମିଟିର ସମ୍ପାଦକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଯଜ୍ଞ, ଓଡ଼ିଆ ନବବର୍ଷ ପାଳନ, ବିଭିନ୍ନ ବର୍ଗର କଳାକାରମାନଙ୍କର ନୃତ୍ୟ ସହ ଜିଲା ତଥା ଜିଲା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥିଲେ। ମୟୂରଭଞ୍ଜର ପରମ୍ପରିକ ଛଉ ନୃତ୍ୟ, ଓଡ଼ିଶୀ ନୃତ୍ୟ ଏବଂ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ଝୁମିଥିଲେ। ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକ, ଉପାଧ୍ୟକ୍ଷ ମିଥୁନ ବାରିକ, ସମ୍ପାଦକ ସନତ ବାରିକ, ସଦସ୍ୟ ପଦ୍ମନାଭ ମହାପାତ୍ର, କିଶୋର ମହାନ୍ତି, ଦିଲ୍ଲୀପ ପାତ୍ର, ରମାକାନ୍ତ ରାଉତ ପ୍ରମୁଖଙ୍କ ନେତୃତ୍ୱରେ ଅନେକ ସ୍ୱେଚ୍ଛାସେବୀ ମେଳା ପରିଚାଳନାରେ ସହଯୋଗ କରିଥିଲେ।

## ମହୁରିରେ ଉଡ଼ା ଯାତ୍ରା

ବୈଶିଙ୍ଗା,୧୫।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଉପକଣ୍ଠ ମହୁରିଠାରେ ଉଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାବିଷୁବ ସଂକ୍ରାନ୍ତି ଅପରାହ୍ନରେ ପ୍ରଥମେ ଭକ୍ତାମାନେ କଣ୍ଟାପାଟ, ଝୁଲାପାଟ ଓ ନିଆଁପାଟ ନୀତିକାନ୍ତି ସମ୍ପନ୍ନ କରିଥିଲେ। ସୋମବାର ଏହି କଣ୍ଟାପାଟ, ନିଆଁପାଟ, ଝୁଲାପାଟକୁ ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିଲା। ମଙ୍ଗଳବାର ଉଡ଼ା ପଡ଼ିଆରେ ଦାସୀ ଏବଂ ଭକ୍ତାମାନେ ଉଡ଼ା ଖୁଣ୍ଟରେ ଉଡ଼ିଥିଲେ। ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଗୋବିନ୍ଦ ପ୍ରଧାନ, ରାମକୃଷ୍ଣ ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ରାଉତ, ପରେଶ ଚନ୍ଦ୍ର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ। ମେଳା ପଡ଼ିଆରେ ଲକ୍ଷାଧିକ ଜନ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ଖୋଲିଲା ସରବତ ବଣ୍ଟନ ଷ୍ଟଲ୍

ଉଦଳା,୧୫।୪(ସନ୍ତୋଷ କୁମାର ବାଛିନୀ)

ଉଦଳା ବସ୍‌ଷ୍ଟାଣ୍ଡରେ ମଙ୍ଗଳବାର ସକାଳ ସାଢେ ୯ଟା ସମୟରେ ନିଶୁଳ୍କ ଦହି ସର୍ବତ, ଥଣ୍ଡା ପୁଦିନା ପତ୍ର ସରବତ ଷ୍ଟଲ ଉଦ୍‌ଘାଟିତ ହୋଇଛି। ଉଦଳା ଘରୋଇ ବସ୍‌ମାଲିକ ସଂଘ ଏବଂ ମୋଟର କର୍ମଚାରୀ ସଂଘର ମିଳିତ ଉଦ୍ୟମରେ ଏହି ସର୍ବତ ବଣ୍ଟନ ଷ୍ଟଲକୁ ବିଧାୟକ ଭାସ୍କର ମଢେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଓକିଲ ସଂଘ ସମ୍ପାଦକ ବସନ୍ତ କୁମାର ପରିଡ଼ା, ପ୍ରଭାତ କୁମାର ପରିଡ଼ା, ବିଜୟ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ମୋଟର କର୍ମଚାରୀ ସଂଘର ସଭାପତି ଗୌରୀ ଶଙ୍କର ବେହେରା, ଉପସଭାପତି ଅଜୟ କୁମାର ପାତ୍ର, ସମ୍ପାଦକ ହରିଶ ଚନ୍ଦ୍ର ଦାସ, ଷ୍ଟାଣ୍ଡ ସମ୍ପାଦକ ମନୋରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ସୋମନାଥ ବେହେରାଙ୍କ ସହିତ ବସ୍ ମାଲିକ ସଂଘ ସଭାପତି ରମେଶ ବେହେରା, ସଞ୍ଜୟ କୁମାର ବାରିକ, କମଳାକାନ୍ତ ରଣା ଓ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ସର୍ବତ ବିତରଣ ଦୀର୍ଘ ୨ ମାସ ଧରି କାର୍ଯ୍ୟକ୍ଷମ ହେବ ବୋଲି ସଂଘର କାର୍ଯ୍ୟକର୍ତ୍ତା ସୂଚନା ଦେଇଛନ୍ତି।

## ମହୁଲ ଫୁଲ ଜବତ, ମହିଳା ଗିରଫ

ରାଇରଙ୍ଗପୁର,୧୫।୪(ମାନସ ମହାନ୍ତି)

ରାଇରଙ୍ଗପୁର ଅବକାରୀ ପୋଲିସ ପକ୍ଷରୁ ଗଠିତ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ବାଦାମପାହାଡ଼ ଥାନା ଅଧୀନ ରାହାଡିବେଡ଼ାରେ ଚଢ଼ାଉ କରି ୨ କୁଇଣ୍ଟାଲ ୯୨ କେଜି ମହୁଲ ଫୁଲ ଜବତ କରିବା ସହ ଜଣେ ମହିଳା ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ଦୁଲା ହେମ୍ବ୍ରମଙ୍କ ସ୍ତ୍ରୀ ସଲମା (୩୦)। ଜବତ ମହୁଲ ଫୁଲର ମୂଲ୍ୟ ୨୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅବକାରୀ ପୋଲିସ ସୂଚନା ଦେଇଛି। ରାଇରଙ୍ଗପୁର ଅବକାରୀ ପୋଲିସ ଡେପୁଟି ସୁପରଣ୍ଟେଣ୍ଡେଣ୍ଟ ସୌମ୍ୟ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଅବକାରୀ ପୋଲିସ ସର୍କଲ ଇନ୍‌ସ୍ପେକ୍ଟର ବିନୟ ପ୍ରକାଶ ତୁର୍କୀ, ରାଇରଙ୍ଗପୁର ଅବକାରୀ ଥାନା ଅଧିକାରୀ ପ୍ରହ୍ଲାଦ ସାମଲ, ବହଳଦା ଅବକାରୀ ଥାନା ଅଧିକାରୀ ରଣଜିତ ଶବର ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ପିଠିରେ କଣ୍ଟା ଫୋଡ଼ିଲେ ୬୧ ଭକ୍ତା

ଠାକୁରମୁଣ୍ଡା,୧୫।୪(ତାରାକାନ୍ତ ପଟ୍ଟନାୟକ)

**ଠାକୁରମୁଣ୍ଡାରେ ଉଡ଼ାପର୍ବ**


ଜଣେ ଭକ୍ତା ପିଠିରେ କଣ୍ଟା ଫୋଡ଼ାଇ ଉଡୁଛନ୍ତି।

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାଠାରେ ଥିବା ମା'ବାସୁଳୀଙ୍କ ପୀଠରେ ପଣା ସଂକ୍ରାନ୍ତି ଅବସରରେ ଉଡ଼ାପର୍ବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୬୧ ଜଣ ଭକ୍ତା ପିଠିରେ କଣ୍ଟା ଫୋଡ଼ାଇ ଉଡ଼ାଖୁଣ୍ଟ ଦଣ୍ଡାରେ ଝୁଲି ଉଡ଼ିଥିଲେ। ମୟୂରଭଞ୍ଜ, କେନ୍ଦୁଝର ତଥା ପଡ଼ୋଶୀ ରାଜ୍ୟରୁ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ଭକ୍ତାମାନେ ଉପରେ ଉଡୁଥିବା ବେଳେ ତଳେ ଥିବା ଲୋକଙ୍କ ଉପରକୁ ପିନ୍ଧିଥିବା ଫୁଲ ପକାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏସ୍‌ଡିପିଓ ନବକୃଷ୍ଣ ନାଏକଙ୍କ ନେତୃତ୍ୱରେ ସ୍ଥାନୀୟ ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ମହୁଲଡିହା ଓଆଇସି ଅଶୋକ କୁମାର ପହିଙ୍କ ସମେତ ୨ ପ୍ଲାଟନ ଫୋର୍ସ ମୁତୟନ ହୋଇଥିଲେ। ଅଗ୍ନିଶମ ବିଭାଗ ଠାକୁରମୁଣ୍ଡା ଷ୍ଟେଶନ ଅଫିସର, ଉଡ଼ା କମିଟି ସଭାପତି ତଥା ତହସିଲଦାର ସମ୍ମିତ କୁମାର କର, ସମ୍ପାଦକ ଶିରିଷ ଦେହୁରୀ, କମିଟି ସଦସ୍ୟ ବସନ୍ତ କୁମାର ପୈବର୍ତ୍ତି, ଶରତ ଚନ୍ଦ୍ର ନାଏକ, ଭାସ୍କର ପଣ୍ଡା ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଭାବେ ଠାକୁରମୁଣ୍ଡା ଚାଳକ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ସ୍ୱେଚ୍ଛାସେବୀ ଭାବେ କାମ କରିଥିଲେ। ଚଳିତ ବର୍ଷ କେତେକ କାରଣକୁ ନେଇ ଉଡ଼ା କାର୍ଯ୍ୟକ୍ରମ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା।

## ପିଏମ୍ ବିଶ୍ୱକର୍ମା କର୍ମଶାଳା ନେଇ ଖବରଦାତା ସମ୍ମିଳନୀ

ବାରିପଦା,୧୫।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଏସ୍‌ସି-ଏସଟି ହବ ଓ ପିଏମ୍ ବିଶ୍ୱକର୍ମାର ଦିନିକିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହେବ। ଏନେଇ ବାରିପଦାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏ ସମ୍ପର୍କିତ ଏକ ଖବରଦାତା ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରାଳୟର ନିର୍ଦ୍ଦେଶକ ମିଳିନ୍ଦ ଧର୍ମାରାଓ ରାମଟେକେ, ଏମ୍‌ଏସ୍‌ଏମ୍‌ଇର ଡିଏଫଓ କଟକର ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା, ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରାଳୟର ଉପ ସଚିବ ଏଚ.କେ. ୱାଧାୱା, ଉପ ନିର୍ଦ୍ଦେଶକ ପି.କେ ସିଂ ଏବଂ ଏନ୍‌ଏସ୍‌ଆଇସି (ଏନ୍‌ଏସ୍‌ଏସ୍‌ଏଚ୍)ର ସାଧାରଣ ପରିଚାଳକ ଉମେଶ ଦୀକ୍ଷିତ ଯୋଗଦେଇ ଉକ୍ତ ଯୋଜନା ଓ କର୍ମଶାଳା ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆକାଂକ୍ଷୀ ଏବଂ ବିଦ୍ୟମାନ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ଦିଗନ୍ତ ବିସ୍ତାର କରିବା ପାଇଁ ଏକ ଇଣ୍ଟରାକ୍ଟିଭ ପ୍ଲାଟଫର୍ମ ପ୍ରଦାନ କରିବ। ମୟୂରଭଞ୍ଜ ଏବଂ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଉଦ୍ୟୋଗୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ପ୍ରଦାନ କରାଯାଇଛି।

## ବ୍ଲକ କଂଗ୍ରେସର ମଶାଲ ଶୋଭାଯାତ୍ରା

ମୋରଡ଼ା,୧୫।୪(ସ୍ମାରକ ମାଜୀ)

ନାରୀ ନିର୍ଯାତନା ବୃଦ୍ଧି ପାଉଥିବା ଅଭିଯୋଗ ନେଇ ମଙ୍ଗଳବାର ଅପରାହ୍ନ ୫ଟାରେ ମୋରଡ଼ା ବ୍ଲକ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା କରାଯାଇଥିଲା। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ତଥା ବରିଷ୍ଠ କଂଗ୍ରେସ ନେତା ପ୍ରଭାସକର ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଚିତ୍ରଡ଼ା ବ୍ଲକ ଛକଠାରୁ ମଶାଲ ଶୋଭାଯାତ୍ରାରେ ଶୀର୍ଷାପାଳ ଛକ ଓ ଚିତ୍ରଡ଼ା ବଜାର ପରିକ୍ରମା କରିଥିଲେ। ମୋରଡ଼ା ବ୍ଲକ ପର୍ଯ୍ୟବେକ୍ଷକ ପ୍ରଦୀପ କୁମାର ମିଶ୍ର, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜେଶ କୁମାର ପଡିଆରୀ, ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ, ବରିଷ୍ଠ କଂଗ୍ରେସ ନେତା ରାଜେଶ ଦାସ, ମୋହନ ଦାସ, ଅସିତ କୁମାର ବେହେରା, ଶୁଭ କୁମାର ମହାନ୍ତ, ଭବାନୀ ମହାନ୍ତ, ରବୀନ୍ଦ୍ର ମହାନ୍ତ, ଉମାକାନ୍ତ ବାରିକ,ମଞ୍ଜୁଲତା ବେହେରା, ଅକ୍ଷୟ ମହାନ୍ତଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ଥିଲେ।

## ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ଝାରପୋଖରିଆ ବଜାର

ଝାରପୋଖରିଆ,୧୫।୪(ସୁଧିର କୁମାର ମହାନ୍ତ)

ସାରସକଣା ବ୍ଲକ ଜାଳଦା ପଞ୍ଚାୟତର ବଣବୁଢ଼ାମରା ଗ୍ରାମ ବଜରଙ୍ଗ କମିଟି ପକ୍ଷରୁ ଓଡ଼ିଆ ନବବର୍ଷ ପଣା ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳେ ମନ୍ଦିରର ପୂଜକ ଦିଲ୍ଲିପ କୁମାର କର ହନୁମାନ ବିଗ୍ରହଙ୍କୁ ପୂଜା କରିଥିଲେ। ପରେ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଘନଶ୍ୟାମ କର ହନୁମାନ ଚାଳିଶା ପାଠ କରିଥିଲେ। ସମ୍ପାଦକ ବୀରେନ୍ଦ୍ର କୁମାର ସୋରେନଙ୍କ ନେତୃତ୍ୱରେ ଶତାଧିକ ହନୁମାନଭକ୍ତ ଏକ ବାଇକ୍ ଶୋଭାଯାତ୍ରାରେ ମନ୍ଦିର ନିକଟରୁ ବାହାରି ରଜାଲୋକା ଶ୍ରୀରାମ ମନ୍ଦିର ହୋଇ ଝାରପୋଖରିଆ ବଜାର ପରିକ୍ରମା ସହ ପୂଜାସ୍ଥଳ ବନବୁଢ଼ାମରା ଆସିଥିଲେ। ଶୋଭାଯାତ୍ରା ସମୟରେ ଜୟ ଶ୍ରୀରାମ, ଜୟ ହନୁମାନ ଧ୍ୱନୀରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା।

## ସରିଲା ପାଣ୍ଡବେଶ୍ୱର ବାବାଙ୍କ ଚୈତ୍ର ପର୍ବ

ଝାରପୋଖରିଆ,୧୫।୪(ସୁଧିର କୁମାର ମହାନ୍ତ)

ସାରସକଣା ବ୍ଲକ ପାଣ୍ଡରା ଗ୍ରାମରେ ପୂଜାପାଇ ଆସୁଥିବା ବାବା ପାଣ୍ଡେବଶ୍ୱର ବୁଢ଼ା ମହାଦେବଙ୍କ ପୀଠରେ ୭ ଦିନ ଧରି ଚାଲିଥିବା ଚୈତ୍ର ପର୍ବ ମଙ୍ଗଳବାର ଶେଷ ହୋଇଛି। ସୋମବାର ସକାଳେ ମନ୍ଦିରର ପୂଜକ କାଶୀନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ତେର ଭକ୍ତା ସୁବର୍ଣ୍ଣରେଖା ନଦୀରୁ ସ୍ନାନକରି ମହାଦେବଙ୍କ ମନ୍ଦିରରେ ପୂଜା ଆରାଧନା କରିଥିଲେ। ପରେ ଅଗ୍ନିପାଟ ଅନୁଷ୍ଠିତ ହୋଇଥିଲା। ମାନସିକଧାରୀ ମନ୍ଦିର ପରିକ୍ରମାକରି ଅଗ୍ନିରେ ଚାଲିଥିଲେ। ମାନସିକ ଧାରୀ, ତେର ଭକ୍ତାଙ୍କୁ ମିଷ୍ଟାନ୍ନ, ସରବତ, ବସ୍ତ୍ର ଆଦି ପ୍ରଦାନ କରାଯାଇଥିଲା। ମଙ୍ଗଳବାର ମହାଦେବଙ୍କ ଆଶ୍ରିତ ବାରଭକ୍ତା ନଡ଼ା (କୁଟା)ରେ ପାଟଭକ୍ତାଙ୍କ କୁଶପୁତ୍ତଳିକା ନିର୍ମାଣକରି ମଶାଣିକୁ ନେଇ ଦାହ କରିଥିଲେ। ଏହାପରେ ସମସ୍ତ ବାରଭକ୍ତା ଶୌଚହୋଇ, ଶୁଦ୍ଧ ସ୍ନାନକରି ମହାଦେବଙ୍କ ନିକଟରେ ସମାଜର ମଙ୍ଗଳ କାମନା କଲାପରେ ଚୈତ୍ର ପର୍ବର ପରିସମାପ୍ତି ଘଟିଥିଲା।

## ଗଡ଼ିଲା କୃଷକ ସଚେତନତା ରଥ

ମୋରଡ଼ା,୧୫।୪(ସ୍ମାରକ ମାଜୀ)


ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଓ ଅନ୍ୟମାନେ।

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାସ୍ଥିତ ବ୍ଲକ କୃଷି କାର୍ଯ୍ୟାଳୟ ପରିସରରୁ ମଙ୍ଗଳବାର ସକାଳ ୯ଟା ସମୟରେ କୃଷକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ୫ ଦିନ ଧରି ଏହି ରଥ ମୋରଡା ବ୍ଲକର ୨୦ଟି ପଞ୍ଚାୟତ ପରିକ୍ରମା କରିବା ସହିତ ପିଏମ୍ କିଷାନ ଯୋଜନା, ସିଏମ୍ କିଷାନ ଯୋଜନା ସହିତ ଅନ୍ୟ ସମସ୍ତ ଯୋଜନାରୁ ହିତାଧିକାରୀମାନେ କିପରି ଲାଭ ଉଠାଇ ପାରିବେ ସେ ନେଇ ସଚେତନ କରାଇବ। ପ୍ରତି ପଞ୍ଚାୟତରେ କଳାକାରମାନଙ୍କ ଦ୍ୱାରା ପଥପ୍ରାନ୍ତ ନୃତ୍ୟ ମାଧ୍ୟମରେ ମଧ୍ୟ ସଚେତନତା ସୃଷ୍ଟି କରାଯିବ। ମୋରଡା ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ବିଡିଓ ଅଣାକର ନାଏକ, ବ୍ଲକ କୃଷି ଅଧିକାରୀ ସ୍ନେହାଶିଷ ସାହୁ, ଜିଲାପରିଷଦ ସଦସ୍ୟ ଅଭିରାମ ଭୋଇଙ୍କ ସହିତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବାରିପଦା କ୍ରିକେଟ ଏକାଡେମୀର ବାର୍ଷିକୋତ୍ସବ

ବାରିପଦା,୧୫।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ବାରିପଦା ସହରସ୍ଥିତ ମଧୁବନ ମିନି ଷ୍ଟାଡିୟମଠାରେ ଆରମ୍ଭ ହୋଇଥିବା ବାରିପଦା କ୍ରିକେଟ ଏକାଡେମୀ ଦ୍ୱିତୀୟ ବର୍ଷରେ ପାଦାର୍ପଣ କରିଛି। କୁନି କୁନି ପିଲାମାନଙ୍କୁ ନେଇ କ୍ରିକେଟ ପ୍ରଶିକ୍ଷଣ ଦେଇ ନୂଆ କ୍ରୀଡ଼ାବିତ ପ୍ରସ୍ତୁତ ଲକ୍ଷ୍ୟରେ ଏହି କ୍ରିକେଟ ଏକାଡେମୀ କାର୍ଯ୍ୟ କରିଆସୁଛି। ସୋମବାର ଏକାଡେମୀର ପ୍ରଥମ ପ୍ରତିଷ୍ଠା ଦିବସ ମଧୁବନ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଭାପତି ବିକ୍ରମ କେଶରୀ ଜେନାଙ୍କ ପୌରାହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ଫୁଟବଲ ଖେଳାଳି ତଥା ସିନେ କଳାକାର ଅସିତ ପତି, ଷ୍ଟେଶନ ଆଥ୍‌ଲେଟିକ ଆସୋସିଏସନ ସମ୍ପାଦକ ସଞ୍ଜୀବ ଦ୍ୱିବେଦୀ, ଡିଭାଇନ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ବିପ୍ଳବ ବୁଗୁଡେଇ, ସାମାଜିକ କର୍ମୀ କାଶୀନାଥ ରଣା, ତରୁଣ ମହାନ୍ତି, ୭ନଂ.ୱାର୍ଡ କାଉନସିଲର ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି କ୍ରିକେଟ ଏକାଡେମୀ ଏକ ବର୍ଷ ମଧ୍ୟରେ ୩୬ ଜଣ ଖେଳାଳି ସୃଷ୍ଟି କରି ଆସୁଛି। ଖେଳାଳିମାନେ ବିଭିନ୍ନ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ସହିତ ଜିଲାସ୍ତରୀୟ ୧୬ ବର୍ଷରୁ କମ୍ ଟିମରେ ମଧ୍ୟ ସାମିଲ ହୋଇ ଗୌରବ ଅର୍ଜନ କରିଛନ୍ତି। ଆଗକୁ ମଧ୍ୟ ଖେଳାଳିଙ୍କୁ ତାଲିମ ପ୍ରଦାନ କରି ଜିଲା ଓ ରାଜ୍ୟସ୍ତରୀୟ ଖେଳାଳି ପ୍ରସ୍ତୁତ କରିବାକୁ ଏକାଡେମୀର କୋଚମାନେ ଲକ୍ଷ୍ୟ ରଖିଛନ୍ତି। ଏହି ବାର୍ଷିକ ଉତ୍ସବ ଅବସରରେ ଦୁଇଟି ଟର୍ଫ ପିଚର ଶୁଭାରମ୍ଭ କରାଯାଇଛି। ଏକାଡେମୀର ସମ୍ପାଦକ ସୁଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସ ପକ୍ଷରୁ ଗଣବିକ୍ଷୋଭ




ବଉଳା/ଛେନାପଦି,୧୫।୪
(ଦୁର୍ଗା ପ୍ରସାଦ ଆୟଚ/ନିରାକାର ପରିଡା)

କେନ୍ଦୁଝର ଜିଲା ମହିଳା କଂଗ୍ରେସ ପକ୍ଷରୁ ବିଭିନ୍ନ ସ୍ଥାନରେ ମହିଳା ସୁରକ୍ଷା ନେଇ ବିକ୍ଷୋଭ କରାଯାଇଛି। ହାଟଡ଼ିହୀ ବ୍ଲକ୍ ମହିଳା କଂଗ୍ରେସ ପକ୍ଷରୁ ବ୍ଲକ୍ ସମ୍ମୁଖରେ ପୂର୍ବାହ୍ନ ୧୦ଟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସର ନେତ୍ରୀ ତଥା ପୂର୍ବତନ ପିପିସି ସଭାପତିଙ୍କ ଝିଅ ଡ. ସସ୍ମିତା ଜେନାଙ୍କ ନେତୃତ୍ୱରେ ମହିଳାମାନେ ତହସିଲ କାର୍ଯ୍ୟାଳୟରୁ ପଦଯାତ୍ରା କରି ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ହାଟଡ଼ିହୀ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା କରିଥିଲେ। ବର୍ତ୍ତମାନ ମହିଳାମାନେ ସୁରକ୍ଷିତ ନାହାନ୍ତି। ୬୦ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ଶିଶୁଙ୍କୁ ଖୋଜିବାରେ ସରକାର ବିଫଳ ବୋଲି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ମହିଳା ନେତ୍ରୀ ଡ. ସସ୍ମିତା ଜେନା ମତବ୍ୟକ୍ତ ରଖିଥିଲେ। ଚିତରଞ୍ଜନ ପାତ୍ର, ମାନସ ରଞ୍ଜନ ଜେନା, ପ୍ରବିଣ ଜେନା, ସୁଶାନ୍ତ ଜେନା, ଅଜୟ ମହାପାତ୍ର, ସୁକାନ୍ତି ଜେନା, କବିତା ଜେନା, ରବିନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ

**ଆନନ୍ଦପୁର(ସୁଶାନ୍ତ କୁମାର ସାହୁ)**
ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ବ୍ଲକ୍, ମ୍ୟୁନିସିପାଲିଟିରେ କଂଗ୍ରେସ ପକ୍ଷରୁ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନ ୧୨ଟା ୩୦ରେ କଂଗ୍ରେସ କର୍ମୀ ହାଡିବନ୍ଧୁ ଖୁଣ୍ଟିଆଙ୍କ ସଂଯୋଜନାରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, କର୍ମୀ ସୁରେଶ ଜେନା, ଡ଼. ସସ୍ମିତା ଜେନା, ଅକ୍ଷୟ ମହାନ୍ତିଙ୍କ ସହ ୫୦୦ରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ରହି ଆନନ୍ଦପୁର ବ୍ରିଜ ଛକଠାରୁ ଏକ ରାଲିରେ ଆନନ୍ଦପୁର ବ୍ଲକ୍ ପର୍ଯ୍ୟନ୍ତ ଯାଇଥିଲେ।

**ଚମ୍ପୁଆ(ମହେଶ୍ୱର ଦାସ)**
ଚମ୍ପୁଆ ସଦରମହକୁମାଠାରେ ବ୍ଲକ୍ ସଭାପତି ରଣଜିତ ବେହେରା ଓ ଏନ୍‌ଏସି ସଭାପତି ସଫାକତ ଆନ୍‌ସାରୀଙ୍କ ନେତୃତ୍ୱରେ ୮୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ମସାଲ ଓ ଦଳୀୟ ପତକା ଧରି ସ୍ଥାନୀୟ ନେହେରୁ ଷ୍ଟାଡିୟମରୁ ବାହାରି ସହର ପରିକ୍ରମା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାରୀ ଚିତରଞ୍ଜନ ରାଉତ, ପୂର୍ବତନ ଏମ୍‌ପି ସକୁନ୍ତଳା ଲାଗୁରୀ, ଦୟାନିଧି ମହାପାତ୍ର ପ୍ରମୁଖ ଏ ସାମିଲ ହୋଇଥିଲେ।

**କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)**
ତେଲକୋଇ ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ବଙ୍ଗଳା ଛକରୁ ରାଲି ବାହାରି ବଜାର ଛକ ଦେଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ପୂର୍ବତନ ତେଲକୋଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିର୍ମଳ ଚନ୍ଦ୍ର ନାୟକ, ବରିଷ୍ଠ କଂଗ୍ରେସ ନେତା ସୁବାଷ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରମୋଦ ସାହୁ, କୈଳାସ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

**ଯୋଡ଼ା(ମାନସ ମହାନ୍ତି)**
ଯୋଡ଼ା ନଗର କଂଗ୍ରସ କମିଟି ପକ୍ଷରୁ କଂଗ୍ରେସ କର୍ମୀମାନେ ହାତରେ ମଶାଲ ଧରି ବନେଇକଳାରୁ ଶୋଭାଯାତ୍ରାରେ ବାହାରିଥିଲେ। ଯୋଡ଼ା ବସଷ୍ଟାଣ୍ଡ ଦେଇ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଛନ୍ତି। ପୂର୍ବତନ ଏମ୍‌ପି ଯଶୋବନ୍ତ ନାରାୟଣ ସିଂହ ଲାଗୁରୀଙ୍କ ନେତୃତ୍ୱରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀ କଂଗ୍ରେସର ବହୁ ନେତା କର୍ମୀ ଯୋଗଦେଇଥିଲେ।

